## ହିମିତିରାରେ ଧାନମଣ୍ଡି ଉଦ୍‌ଘାଟିତ

# ମିଲର ନେଲେନି ଧାନ, ମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ବେଖାତିର

କିଶୋରନଗର, ୧୦।୧(ସମିସ)



ହିମିତିରା ସେବା ସମବାୟ ସମିତିରେ ଶୁକ୍ରବାର ଚଳିତ ବର୍ଷର ଖରିଫ ଧାନମଣ୍ଡି ଉଦଘାଟିତ ହୋଇଛି। ଏଥିରେ ହିମିତିରା ସେବା ସମବାୟ ସମିତି ସଭାପତି ବବ୍ରୁବାହାନ ବେହେରା, ନୋଡାଲ ଅଫିସର ତନ୍ମୟ ସାହୁ, ସମିତିର ସମ୍ପାଦକ ପ୍ରୀତିରଞ୍ଜନ ସାହୁ, ଯୋଗାଣ ଅଧିକାରୀ ଋଷଭ ଚନ୍ଦ୍ର ନାୟକ, ବ୍ଲକ କୃଷି ଅଧିକାରିଣୀ ଦୀପ୍ତିମୟୀ ସିଂହ, ଆରଏମସି କର୍ମଚାରୀ ଦେବରଞ୍ଜନ ବେହେରା ପ୍ରମୁଖ ଯୋଗଦେଇ ମଣ୍ଡି ଉଦଘାଟନ କରିଥିଲେ। ହେଲେ ଧାନକ୍ରୟ ପାଇଁ ନିଯୁକ୍ତ ମାଧପୁର ମାହେଶ୍ୱରୀ ମିଲର ବିଭିନ୍ନ ଆଳ ଦେଖାଇ ସମିତିରୁ ଧାନ ନ ନେଇ ପଳାଇଥିବା ଜଣାପଡ଼ିଛି। ଫଳରେ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପଟେ ଚାଷୀଙ୍କୁ ହଇରାଣ ନ କରି, କଟନିଛଟନି ନ କରି ଧାନ କିଣାଯିବ ବୋଲି ଯୋଗାଣ ମନ୍ତ୍ରୀ କହୁଥିବା ବେଳେ ମିଲରମାନେ ଧାନ କିଣିବାରେ ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ସାଧାରଣରେ ନାପସନ୍ଦ କରାଯାଇଛି। ଆଜି ହିମିତିରା ସମିତିକୁ ୧୫ ଜଣ ଚାଷୀ ୫୮୮ କ୍ୱିଣ୍ଟାଲ ଧାନ ବିକ୍ରି କିରିବାକୁ ଆଣିଥିଲେ। ମିଲର ଧାନ ନ ନେବାରୁ ଉକ୍ତ ଧାନ ସମିତିରେ

**● ପଡ଼ିରହିଛି ୫୮୮ କ୍ୱିଣ୍ଟାଲ ଧାନ, ଚାଷୀ ହନ୍ତସନ୍ତ**

ପଡ଼ିରହିଛି। ଚାଷୀମାନେ ନିଜ ଧାନକୁ ଜଗି ରହିଛନ୍ତି। ପ୍ରଶାସନିକ ଅଧିକାରୀମାନେ ଏଥିପ୍ରତି ଗୁରୁତ୍ୱ ଦେଇ ନ ଥିବା ଅଭିଯୋଗ ହୋଇଛି। କୌଣସି କଟନିଛଟନି ନ କରି ଚାଷୀଙ୍କ ଧାନ କିଣିବାକୁ ଚାଷୀ ମହଲରେ ଦାବି ହେଉଛି।

# କୃଷ୍ଣଭକ୍ତିରେ ଲୀନ ରଶ୍ମିତା

ଅନୁଗୋଳ, ୧୦।୧(ସମିସ): ଶ୍ରୀକୃଷ୍ଣଙ୍କୁ ନିଜ ପୁତ୍ରବତ୍ ସ୍ନେହ କରୁଛନ୍ତି। ଆଉ ବାଳଗୋପାଳଙ୍କୁ ନିଜ ସାଙ୍ଗରେ ଧରି ବୁଲୁଛନ୍ତି। କୁନି ଛୁଆଙ୍କୁ ଯେମିତି ଦିନକୁ ତିନି ଥର କ୍ଷୀର, ପରିବା ଚକଟା ଆଉ ରୁଟି ଖୁଆଇ ଦିଅନ୍ତି, ମହାପ୍ରଭୁଙ୍କୁ ମଧ୍ୟ ସମାନ ଢଙ୍ଗରେ ଭୋଗ ଲଗାନ୍ତି ଆଉ ତା' ପରେ ନିଜେ ଖାଦ୍ୟ ଗ୍ରହଣ କରନ୍ତି। ଏମିତି ଶ୍ରୀକୃଷ୍ଣଙ୍କ ପ୍ରେମରେ ଛନ୍ଦି ହୋଇଛନ୍ତି ତାଳଚେରର ବାଲୁଙ୍ଗାବାସୀ ମାଧବ ପ୍ରଧାନଙ୍କ ପତ୍ନୀ ରଶ୍ମିତା ପ୍ରଧାନ। ମା'ଟିଏ ଭଳି ସେ ଆଣ୍ଟୁଆ ଗୋପାଳଙ୍କୁ ନିଜ ପାଖେ ପାଖେ ରଖିବା ସହ ଯତ୍ନ ନିଅନ୍ତି। ଶ୍ରୀକୃଷ୍ଣଙ୍କ ପ୍ରତି ରଶ୍ମିତାଙ୍କ ଏଭଳି ଆବିଳ ମମତା ପଛରେ କାହାଣୀ କିନ୍ତୁ ବେଶ୍ ହୃଦୟଛୁଆଁ। ଆଜକୁ ୬ ବର୍ଷ ତଳେ ଜନ୍ମାଷ୍ଟମୀ ଦିନ ତାଙ୍କର ଏକ ପୁଅ ଜନ୍ମ ହୋଇଥିଲା। ରାଜକୁମାର ଭଳି ହୋଇଥିବାରୁ ନାଁ ରଖିଥିଲେ ପ୍ରିନ୍ସ।



**● ସାଙ୍ଗରେ ଧରି ବୁଲୁଛନ୍ତି ବାଳଗୋପାଳଙ୍କ ଫଟୋ**
**● ନିଜ ଛୁଆ ଭଳି ଖୁଆଉଛନ୍ତି, ପିଆଉଛନ୍ତି**

କିନ୍ତୁ ବିଧାତାର ଇଚ୍ଛା କିଛି ଅଲଗା ଥିଲା। ଦିନ କେଇଟା ପରେ ପ୍ରିନ୍ସ କୌଣସି ରୋଗରେ ପୀଡ଼ିତ ହୋଇ ଆରପାରିକୁ ଚାଲିଗଲା। ଫଳରେ ଭାଙ୍ଗି ପଡ଼ିଥିଲେ ପୂରା ପରିବାର। କିନ୍ତୁ ରଶ୍ମିତା ନିଜ ମନକୁ ଦୃଢ଼ କରିଥିଲେ ଆଉ ସେଇ ଦିନଠୁ ନିଜକୁ କୃଷ୍ଣଙ୍କ ମା' ବୋଲି ମାନିନେଇ ପୁଅ ଭଳି ସ୍ନେହ କରି ଚାଲିଥିଲେ ଠାକୁରଙ୍କୁ। ବାଳକୃଷ୍ଣଙ୍କୁ ନିଜ ପୁଅ ବୋଲି ଭାବିନେଇ ସେ ଘରେ ଦୈନିକ ପୂଜାର୍ଚ୍ଚନା ଆଉ ଭୋଗଲାଗି କରନ୍ତି। କଦଳୀ ନଡ଼ିଆ ନୁହେଁ, ବରଂ ଛୋଟ ପିଲା ଯାହା ଖାଏ ତାହା ସେ ତାଙ୍କୁ ଦିଅନ୍ତି। ବାହାରକୁ ଗଲାବେଳେ ନିଜ ସନ୍ତାନକୁ ଧରି ଗଲା ଭଳି ବାଳକୃଷ୍ଣଙ୍କ ପ୍ରତିମାକୁ ଧରି ଯାଆନ୍ତି। ଗତ ତିନି ବର୍ଷ ଧରି ସେ ଏମିତି କରି ଆସୁଛନ୍ତି। ଭାତଡାଲି, ଚକଟାଠାରୁ ଆରମ୍ଭ କରି ଛେନା, ରୁଟି, କ୍ଷୀର ଆଦି ସେ କୃଷ୍ଣଙ୍କୁ ଖାଇବାକୁ ଦିଅନ୍ତି।

## କୃଷି ଅଧିକାରୀ ନିଯୁକ୍ତ ହେଉନାହାନ୍ତି

ବଇଣ୍ଡା, ୧୦।୧(ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ଉପଖଣ୍ଡର ପାଇକସାହିସ୍ଥିତ ଗ୍ରାମ୍ୟ କୃଷି ଅଧିକାରୀ କାର୍ଯ୍ୟାଳୟ ଏବେ ଜରଜୀର୍ଣ୍ଣ ଅବସ୍ଥାରେ ରହିଛି। ଏପରିକି ଏହି କାର୍ଯ୍ୟାଳୟର ଅଧିକାରୀ ପଦବୀ ଖାଲି ପଡ଼ିଥିବାରୁ ଚାଷୀମାନେ ବହୁ ହଇରାଣ ହେଉଛନ୍ତି। ଅନେକ କୃଷି ସମ୍ପର୍କୀୟ ତଥ୍ୟ ଚାଷୀମାନେ ପାଉ ନ ଥିବା ବେଳେ ଅନେକ ସରକାରୀ ସାମଗ୍ରୀ ଚାଷୀମାନଙ୍କୁ ମିଳୁନାହିଁ। ଏ ନେଇ ପାଇକସାହି ଚାଷୀମାନେ ଗୁରୁବାର ଅନୁଗୋଳ ଜିଲ୍ଲାପାଳଙ୍କ ନିକଟରେ

**● ଜିଲ୍ଲାପାଳଙ୍କୁ ଅଭିଯୋଗ**

ଅଭିଯୋଗ କରିଛନ୍ତି। ଅଞ୍ଚଳବାସୀଙ୍କ କହିବା ଅନୁଯାୟୀ, ପାଇକସାହି ଗ୍ରାମ୍ୟ କୃଷି କାର୍ଯ୍ୟାଳୟ ଉପରେ ପାଇକସାହି, ଟାପଢୋଲ, ସାପଘରା ଆଦି ପଞ୍ଚାୟତର ଚାଷୀ ନିର୍ଭର କରନ୍ତି। ହେଲେ ଉକ୍ତ କାର୍ଯ୍ୟାଳୟର ରକ୍ଷଣାବେକ୍ଷଣ ସଠିକ ଭାବରେ କରାଯାଇ ନ ଥିବାରୁ କାର୍ଯ୍ୟାଳୟ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ଏହି କାର୍ଯ୍ୟାଳୟରେ ନିଯୁକ୍ତ ଅଧିକାରୀଙ୍କ ଦେହାନ୍ତ ହେବା ପରେ ନୂତନ ଅଧିକାରୀ ନିଯୁକ୍ତ କରାଯାଉ ନାହିଁ। ଫଳରେ ଚାଷୀମାନେ କୃଷି ସେବାରୁ ବଞ୍ଚିତ ହେଉଛନ୍ତି। ପାଇକସାହି ପଞ୍ଚାୟତରେ ୧୯୩ ହେକ୍ଟର, ସାପଘରାରେ ୧୮୮ ହେକ୍ଟର, ଟାପଢୋଲରେ ୮୧୦ ହେକ୍ଟର ଚାଷଜମି ରହିଛି। ଅଞ୍ଚଳର ଚାଷୀମାନେ ବିଭିନ୍ନ ଚାଷ କରି ଜୀବିକା ନିର୍ବାହ କରୁଥିବା ବେଳେ ସେମାନଙ୍କୁ ସରକାରୀ ସହାୟତା କିମ୍ବା କୌଣସି ଉପକରଣ ମିଳୁ ନ ଥିବା ଅଭିଯୋଗ କରିଛନ୍ତି। ୨ ବର୍ଷ ହେବ ଅଧିକାରୀ ନ ଥିବାରୁ ଚାଷୀମାନେ ହନ୍ତସନ୍ତ ହେଉଛନ୍ତି। ଏପରିକି ୨ ବର୍ଷ ହେବ ଅଞ୍ଚଳର ଚାଷୀଙ୍କୁ କୌଣସି କୃଷି ସାମଗ୍ରୀ ବଣ୍ଟନ ହୋଇ ନ ଥିବା ପ୍ରକାଶ କରିଛନ୍ତି। ତୁରନ୍ତ ଏଥିପ୍ରତି ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଦାବି କରିଛନ୍ତି। ଅନ୍ୟପଟେ ଅଧିକାରୀ ନିଯୁକ୍ତ କରିବା ପାଇଁ ସରକାରଙ୍କୁ ଅବଗତ କରାଯାଇଥିବା ଆଠମଲ୍ଲିକ ଭାରପ୍ରାପ୍ତ ଜିଲ୍ଲା କୃଷି ଅଧିକାରୀ ପ୍ରମୋଦ କୁମାର ପଣ୍ଡା କହିଛନ୍ତି।

## ଜିଲ୍ଲା ଛାତ୍ର କଂଗ୍ରେସର କାର୍ଯ୍ୟକାରିଣୀ ବୈଠକ



ଅନୁଗୋଳ, ୧୦।୧(ସମିସ): ଅନୁଗୋଳ ଜିଲ୍ଲା ଛାତ୍ର କଂଗ୍ରେସ କମିଟିର କାର୍ଯ୍ୟକାରିଣୀ ବୈଠକ ଶୁକ୍ରବାର ସ୍ଥାନୀୟ କଂଗ୍ରେସ ଭବନରେ ଅନୁଷ୍ଠିତ ହୋଇଛି। ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକରେ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଉଦିତ ନାରାୟଣ ପ୍ରଧାନ ମୁଖ୍ୟଅତିଥି, ଜିଲ୍ଲା କଂଗ୍ରେସ ସଭାପତି ଅମ୍ବିକା ପ୍ରସାଦ ଭଞ୍ଜ, ବରିଷ୍ଠ ନେତା ଉମେଶ ଚନ୍ଦ୍ର ସାହୁ, ପ୍ରଫୁଲ୍ଲ ଦାଶ, ଗୋବିନ୍ଦ ନାଏକ ଓ ଜିଲ୍ଲା ଯୁବ କଂଗ୍ରେସ ସଭାପତି ଲୁଲୁ ପାଣୀଗ୍ରାହୀ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ଆଗାମୀ ଦିନରେ ଛାତ୍ର କଂଗ୍ରେସର କାର୍ଯ୍ୟପନ୍ଥା କ'ଣ ରହିବ, କିପରି ଲଢ଼େଇ କରିବ ଓ ମହାବିଦ୍ୟାଳୟରେ କିପରି ଛାତ୍ର ସଂଗଠନ ମଜବୁତ ହେବ ସେ ବିଷୟରେ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ବକ୍ତବ୍ୟ ରଖିଥିଲେ। ଛାତ୍ରନେତାମାନେ ଆଗାମୀ ଦିନରେ କିପରି ରାଜନୀତିରେ ପ୍ରମୁଖ ଭୂମିକା ନେବେ ସେ ସମ୍ବନ୍ଧରେ ଜିଲ୍ଲା କଂଗ୍ରେସ ସଭାପତି ଭଞ୍ଜ ପ୍ରକାଶ କରିଥିଲେ। ଜିଲ୍ଲା ଯୁବ କଂଗ୍ରେସ ସଭାପତି ଲୁଲୁ ପାଣିଗ୍ରାହୀ ତାଙ୍କ ବକ୍ତବ୍ୟରେ ଆଗାମୀ ଦିନରେ ଛାତ୍ର କଂଗ୍ରେସ ଲଢ଼େଇକୁ ତ୍ୱରାନିତ କରିବାକୁ ଆହ୍ୱାନ ଦେଇଥିଲେ। ଛାତ୍ର କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ସାହୁ ବୈଠକ ପରିଚାଳନା କରିଥିବାବେଳେ ଛାତ୍ରନେତା ମାନସ ବିଶ୍ୱାଳ ସଂଯୋଜନା କରିଥିଲେ। ଛାତ୍ରନେତା ତୁଷାରକାନ୍ତ ପ୍ରଧାନ, ଚନ୍ଦ୍ରକାନ୍ତ ପ୍ରଧାନ, ବିଶ୍ୱଜିତ ବିଶ୍ୱାଳ, ଦେବାଶିଷ ଦେହୁରୀ, ମାଧବାନନ୍ଦ ବେହେରା, ଶୁଭମ ସାହୁ, ଆଶିଷ ପ୍ରଧାନ, ଚିନ୍ମୟ ସାହୁ, ଅବିନାଶ ପ୍ରଧାନ, ଅଶ୍ୱିନୀ କୁମାର ସ୍ୱାଇଁ, ସତ୍ୟମ ଦେହୁରୀ, ରିପନ ସାହୁ, ଶ୍ରୀନିବାସ ଦେହୁରୀ, ଅମର ବେହେରା, ସୁନୀଲ ସାହୁ, ଯୁବନେତା ବିଶ୍ୱଜିତ ପ୍ରଧାନ, ସୁଜିତ ଦେହୁରୀ, ଦେବାଶିଷ ପ୍ରଧାନ, ପାର୍ଥସାରଥି ବେହେରା, ବିଭୂତି ଭୂଷଣ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଜଙ୍ଘା ବଡ଼ଦେଓଙ୍କ ଦ୍ୱାଦଶ ବାର୍ଷିକ ପୂଜା

କିଶୋରନଗର, ୧୦।୧(ସମିସ): ଆଠମଲ୍ଲିକ ଉପଖଣ୍ଡ ଗୋଣ୍ଡ ପେନଠାନା ପୀଠରେ ସର୍ବୋଚ୍ଚ ପ୍ରକୃତି ଶକ୍ତି ଜଙ୍ଘା ବଡ଼ଦେଓଙ୍କ




ଦ୍ୱାଦଶ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ଅବସରରେ ପ୍ରକୃତି ଶକ୍ତିଙ୍କୁ ନିକଟସ୍ଥ ପୋଖରୀକୁ ନିଆଯାଇ ପୂଜାର୍ଚ୍ଚନା ପରେ ସଂକୀର୍ତ୍ତନ ଶୋଭାଯାତ୍ରାରେ ପୂଜା ମଣ୍ଡପକୁ ଅଣାଯାଇ ସ୍ଥାପନ କରାଯାଇଥିଲା। ଶକ୍ତିପୀଠର ସଭାପତି ତଥା ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ସାଏ ଓ ତାଙ୍କ ସହଧର୍ମିଣୀ ଲୀନା ସାଏ କର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିଲେ। ରାଜ୍ୟ ମହାସଚିବ ପ୍ୟାରୀମୋହନ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିମାନେ ଯୋଗଦେଇ ଗୋଣ୍ଡ ସମାଜର ଉତ୍ଥାନ ପତନ ଓ ସାମ୍ରାଜ୍ୟ ବିସ୍ତାର ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲା ସଭାପତି ସଦାଶିବ ନାୟକ, କେନ୍ଦ୍ର କମିଟି ସଭାପତି ଭଜମନ ନାୟକ, ଉପସଭାପତି ତରଣୀସେନ ନାୟକ, ମହାସଚିବ ସାନନ୍ଦ ନାୟକ ପ୍ରମୁଖ ସହଯୋଗ କରିଥିଲେ। ଏଥିରେ ଅନୁଗୋଳ ଜିଲ୍ଲା ସହ ଛତିଶଗଡ଼, ମଧ୍ୟପ୍ରଦେଶର ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ବିଭିନ୍ନ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ଠାକୁରଗଡ଼ ଓ ସାନହୁଲାକୁ ବ୍ଲକ ମାନ୍ୟତା ଦାବି

ବଇଣ୍ଡା, ୧୦।୧(ସମିସ): ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଓ ସାନହୁଲାକୁ ବ୍ଲକ ମାନ୍ୟତା ଦାବି ଜୋର ଧରିଛି। ଏହି ଅଞ୍ଚଳ ସହ ଅନ୍ୟାନ୍ୟ ଅଞ୍ଚଳକୁ ମିଶାଇ ବ୍ଲକ ଗଠନ କରିବା ପାଇଁ ଠାକୁରଗଡ଼ ଓ ସାନହୁଲା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଦାବି ହୋଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ନୂତନ ବ୍ଲକ ଗଠନ ପାଇଁ ସବୁଜ ସଙ୍କେତ ମିଳିଥିବା ବେଳେ ଠାକୁରଗଡ଼ ଓ ସାନହୁଲାକୁ ବ୍ଲକ ମାନ୍ୟତା ପ୍ରଦାନ ପାଇଁ ଶୁକ୍ରବାର ଆଖପାଖ ପଞ୍ଚାୟତର ଲୋକଙ୍କୁ ନେଇ ଏକ ବୈଠକରେ ଦାବି କରାଯାଇଛି। ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ସାଏଙ୍କ ସଭାପତିତ୍ୱରେ ଠାକୁରଗଡ଼ ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ଭଗବାନ ସାହୁ, ସୁଜିତ କୁମାର ଦେହୁରି, ଅର୍ଜୁନ କୁମାର ସାହୁ, ଶତ୍ରୁଘ୍ନ ସାହୁ, ସୌରଭ କୁମାର ମିଶ୍ର, ଅନାମ ଚରଣ ସ୍ୱାଇଁ, ଦୁଷ୍ମନ୍ତ କୁମାର ପ୍ରଧାନ, ସନ୍ତୋଷ କୁମାର ସାହୁ, ମହେଶ୍ୱର ଦେହୁରିଙ୍କ ସମେତ ଆଖପାଖ ପଞ୍ଚାୟତର ବହୁ ଲୋକ ଯୋଗଦେଇଥିଲେ। ଅଞ୍ଚଳବାସୀ କହିଥିଲେ ଯେ ଠାକୁରଗଡ଼ ଆଠମଲ୍ଲିକ ଉପଖଣ୍ଡର ଏକ ପ୍ରମୁଖ ସ୍ଥାନ। ଏହି ଅଞ୍ଚଳକୁ ବ୍ଲକ ମାନ୍ୟତା ଦେବା ପାଇଁ ବହୁ ବର୍ଷ ହେବ ଦାବି ହେଇଆସୁଛି। ଆଗାମୀ ଦିନରେ ସରକାରଙ୍କୁ ଏ ନେଇ ଅବଗତ କରିବାକୁ କମିଟି ପକ୍ଷରୁ କୁହାଯାଇଛି। ସେହିପରି କୁରୁମଟାପ ନିକଟରେ ସାନହୁଲାକୁ ବ୍ଲକ ମାନ୍ୟତା ଦାବିରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ପୂର୍ବତନ ସରପଞ୍ଚ ସର୍ବେଶ୍ୱର ପ୍ରଧାନଙ୍କ



ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପେଡ଼ିପଥର ସରପଞ୍ଚ ଭରତ ଚନ୍ଦ୍ର ସାହୁ, ଗଗନ ବିହାରୀ ସାହୁ, ଉପେନ୍ଦ୍ର ନାୟକ, ନିମାଇଁ ଚରଣ ପ୍ରଧାନ, ଭାବ ମାଲୁଆ, ଧରଣି ପ୍ରଧାନ, ଶରତ ମାଝୀ ପ୍ରମୁଖ ଯୋଗଦେଇଥିଲେ। କିଶୋରନଗର ବ୍ଲକର ୩ ପଞ୍ଚାୟତ ସହ ଅନୁଗୋଳ ବ୍ଲକର ୩ ଓ ଆଠମଲ୍ଲିକ ବ୍ଲକର ୭ ପଞ୍ଚାୟତକୁ ମିଶାଇ ସାନହୁଲା ବ୍ଲକ ଗଠନ ପାଇଁ ସେମାନେ ଦାବି କରିଛନ୍ତି।

## ତାଳଚେର କଲେଜରେ ଉଦ୍ଭିଦ ବିଜ୍ଞାନ କର୍ମଶାଳା

ତାଳଚେର, ୧୦।୧(ସମିସ): ଭାରତୀୟ ବନସ୍ପତି ସର୍ବେକ୍ଷଣ ସଂସ୍ଥା, କୋଲକାତା ଓ ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟର ମିଳିତ



ଉଦ୍ୟମରେ କଲେଜ ପରିସରରେ ଉଦ୍ଭିଦ ଚିହ୍ନଟ, ଚେରମୂଳି ସଂଗ୍ରହ ବ୍ୟବସ୍ଥା ଓ ନାମପଦ୍ଧତି ଶୀର୍ଷକ ଦୁଇଦିନିଆ କର୍ମାଶାଳା ଅନୁଷ୍ଠିତ ହୋଇଛି। ସର୍ବେକ୍ଷଣ ସଂସ୍ଥାର ସଂଯୋଜକ ଡ. ଜେଏସ ଦଲାଲ ଓ ମହାବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପକ ସୁରେଶ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କର୍ମଶାଳାକୁ କଲେଜ ଅଧ୍ୟକ୍ଷ ମେଜର ସୁବ୍ରତ କୁମାର ଦାସ ଉଦଘାଟନ କରିଥିଲେ। ବିଶାରଦ ରୂପେ ବୈଜ୍ଞାନିକ ଡ. ଗୋପାଳ କ୍ରିଷ୍ଣନ୍, ଡ. ଶ୍ୟାମ ବିଶ୍ୱାଳ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ। କର୍ମଶାଳାରେ ଅନୁଗୋଳ ସରକାରୀ ମହାବିଦ୍ୟାଳୟ, ମାଲ୍ୟଗିରି ମହାବିଦ୍ୟାଳୟ, ନୀଳକଣ୍ଠେଶ୍ୱର ମହାବିଦ୍ୟାଳୟର ଦେଢ଼ଶହ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଆଭ୍ୟନ୍ତରୀଣ ଗୁଣବତା ପ୍ରକୋଷ୍ଠର ସଂଯୋଜକ ଡ. ସରୋଜ ରଥ, ଅଧ୍ୟାପକ ରୋହିତ ମିଶ୍ର, ଅଧ୍ୟାପିକା ସୁଭଦ୍ରା ସାହୁ, ସନ୍ତୋଷ ଦାସଙ୍କ ସମେତ କଲେଜର ଅଧ୍ୟାପକ, ଅଧ୍ୟାପିକା ଉପସ୍ଥିତ ଥିଲେ।

## କଲେଜରେ ପ୍ରବାସୀ ଭାରତୀୟ ଦିବସ



କିଶୋରନଗର, ୧୦।୧(ସମିସ): ଠାକୁରଗଡ଼ ଡିଗ୍ରୀ କଲେଜରେ ପ୍ରବାସୀ ଭାରତୀୟ ଦିବସ ଶୁକ୍ରବାର ଅନୁଷ୍ଠିତ ହୋଇଛି। କଲେଜର ରାଜନୀତି ବିଜ୍ଞାନ ବିଭାଗ ଅଧ୍ୟାପକ ସରୋଜ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟାପକ ତରୁଣ ପ୍ରଧାନ, ଟୁକୁନା ପ୍ରଧାନ, ସରୋଜ ରଞ୍ଜନ ପ୍ରଧାନ, ଅଧ୍ୟାପିକା କଲ୍ୟାଣୀରୂପା ମିଶ୍ର ଯୋଗଦେଇ ଏହି ଦିବସ ପାଳନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଗ୍ରନ୍ଥାଗାରିକ ପ୍ରଜ୍ଞା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦଘାଟିତ

ବଇଣ୍ଡା, ୧୦।୧(ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ପାଇକସାହି ରାଧାମାଧବ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ଛାତ୍ରୀ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦଘାଟିତ ହୋଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଶୁକଦେବ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ପ୍ରଧାନଶିକ୍ଷକ ସୁଜିତ ଖାଡ଼ିଆ, ଶଶିଭୂଷଣ ସାହୁ, ସଲିମ ମେହେର, ଗଦାଧର ବେହେରା, ବିଷ୍ଣୁପ୍ରସାଦ ହେନତାଳିଆ, ରୁଦ୍ରପ୍ରସାଦ ମହାରଣା, ବିଜୟ କୁମାର ସିଂ, ପ୍ରଶ୍ନ କୁମାର ପ୍ରଧାନ, ଚଣ୍ଡେଶ୍ୱର ଭୋଇ, ପ୍ରଶ୍ନ ବେହେରା ପ୍ରମୁଖ ଯୋଗଦେଇଥିଲେ। ଏଥିରେ ବିଦ୍ୟାଳୟର ୩୦୦ ଛାତ୍ରୀ ଅଂଶଗ୍ରହଣ କରିଛନ୍ତି। ଖେଳ ଶିକ୍ଷୟିତ୍ରୀ ମୋନାଲିସା ସାହୁ ଓ ରେଣୁକା ମାଝୀ ପ୍ରଶିକ୍ଷକ ଭାବରେ ଯୋଗଦେଇ କିଭଳି ଛାତ୍ରୀମାନେ ବିପଦକୁ ସାମନା କରିବେ ସେ ସମ୍ପର୍କରେ ପ୍ରଶିକ୍ଷଣ ଦେଉଛନ୍ତି।

## ଭାରତ ବିକାଶ ପରିଷଦର ବୁଦ୍ଧିଜୀବୀ ସମ୍ମିଳନୀ



ଅନୁଗୋଳ, ୧୦।୧(ସମିସ): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଭାରତ ବିକାଶ ପରିଷଦ ପକ୍ଷରୁ ବୁଦ୍ଧିଜୀବୀ ସମ୍ମିଳନୀ ଆୟୋଜିତ ହୋଇଛି। ଅନୁଗୋଳ କଲେଜର ପ୍ରାକ୍ତନ ଅଧ୍ୟକ୍ଷ ତଥା ସଂଗଠନର ସଭାପତି ଶାନ୍ତନୁ କୁମାର ସରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀକୁ ମାଲ୍ୟଗିରି ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଅନିଲ କୁମାର ମିଶ୍ର ଉଦଘାଟନ କରିଥିଲେ। ନିଜ ଅଭିଭାଷଣରେ ମିଶ୍ର ପୁଞ୍ଜିବାଦ ଓ ସାମ୍ୟବାଦ ମଧ୍ୟରେ ଏକ ତୁଳନାତ୍ମକ ଚିତ୍ର ପ୍ରଦାନ କରିବା ସହ ବିଶ୍ୱରେ ଭାରତର କଳାସଂସ୍କୃତି ଓ ଗଣତାନ୍ତ୍ରିକ ପରମ୍ପରାର କିଭଳି ସ୍ୱତନ୍ତ୍ରତା ରହିଛି ତାହା ବର୍ଣ୍ଣନା କରିଥିଲେ। ପ୍ରଫେସର ସର ନିଜ ବକ୍ତବ୍ୟରେ ଦୀନଦୟାଳ ଉପାଧ୍ୟାୟଙ୍କ ଏକାତ୍ମ ମାନବ ଦର୍ଶନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ଭରତ ଗଡ଼ନାୟକ, ସଂଗଠନ ସମ୍ପାଦକ ସିଦ୍ଧନାଥ ସାହୁ, ବଜରଙ୍ଗ ଅଗ୍ରୱାଲ, ସଦସ୍ୟ ହୃଦାନନ୍ଦ ପଣ୍ଡା, ମନ୍ମଥ ଦାଶ, ବିମଳ ପଟ୍ଟନାୟକ, କ୍ଷୀରୋଦ ପ୍ରଧାନ ଏବଂ ବହୁ ବୁଦ୍ଧିଜୀବୀ ଯୋଗଦେଇଥିଲେ।

**ଶ୍ରୀ ଖାଟୁ ଶ୍ୟାମଜୀଙ୍କ ତୃତୀୟ ମହୋତ୍ସବ ପାଳିତ**

# ଭାବ ଓ ଭକ୍ତି ସଙ୍ଗୀତରେ ଝୁମିଲେ ଶ୍ରଦ୍ଧାଳୁ









ଅନୁଗୋଳ, ୧୦।୧(ସମିସ)

ଅନୁଗୋଳର ଅଗ୍ରଣୀ ସେବା ଓ ସାଂସ୍କୃତିକ ଅନୁଷ୍ଠାନ ଲାଡ୍‌ଲେ ଖଟୁ ୱାଲେକେ ଗ୍ରୁପ ଦ୍ୱାରା ସ୍ଥାନୀୟ ସଭାଗୃହରେ ଭଗବାନ ଶ୍ରୀ ଖାଟୁ ଶ୍ୟାମ ବାବାଙ୍କ ତୃତୀୟ ମହୋତ୍ସବ ପାଳିତ ହୋଇଛି। ଏହି ଧର୍ମୀୟ କାର୍ଯ୍ୟକ୍ରମରେ ସହରର ସହସ୍ରାଧିକ ଶ୍ରଦ୍ଧାଳୁ ସାମିଲ ହୋଇ ଭକ୍ତି ସଙ୍ଗୀତରେ ଝୁମି ଉଠିଥିଲେ। କୋଲକାତାର ସୁନାମଧନ୍ୟ କଣ୍ଠଶିଳ୍ପୀ ଶୀତଲ ଚଣ୍ଡକ ଶର୍ମା ଓ ବିବେକ ଶର୍ମାଙ୍କ ସଙ୍ଗୀତର ତାଳରେ ତାଳ ମିଶାଇ ମହିଳା ଶ୍ରଦ୍ଧାଳୁମାନେ ଦଳ ଦଳ ହୋଇ ନୃତ୍ୟ ପରିବେଷଣ କରି ମାହୋଲକୁ ଧର୍ମୀୟ ବାତାବରଣ ମଧ୍ୟରେ ଆନନ୍ଦ ଭରି ଦେଇଥିଲେ। ଶ୍ୟାମ ବାବାଙ୍କ ଦର୍ଶନରେ ବିମୋହିତ ହୋଇଯାଇଥିଲେ। ଅୟୋଜକ ଅନୁଷ୍ଠାନର କର୍ମକର୍ତ୍ତା ଓ ସେମାନଙ୍କ ଧର୍ମପତ୍ନୀମାନେ ଚିତ୍ତାକର୍ଷକ ଭକ୍ତି ସଙ୍ଗୀତରେ ନୃତ୍ୟ ପରିବେଷଣ କରିଥିଲେ। ଅନୁଷ୍ଠାନର ବରିଷ୍ଠ ସଦସ୍ୟ ଲକ୍ଷ୍ମଣ ଭାଇ କଳାକାରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ପୂର୍ବାହ୍ନରେ ଭଗବାନ ଶ୍ରୀ ଖାଟୁ ଶ୍ୟାମ ବାବାଙ୍କ ପ୍ରତିକୃତି, ପାଦୁକା ସୁସଜ୍ଜିତ ରଥ ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଇଥିଲା। ବାଦ୍ୟ, ଭକ୍ତି ସଙ୍ଗୀତ ସହ ଝଣ୍ଡାଧାରୀ ମହିଳା ପୁରୁଷ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ସନ୍ଧ୍ୟାରେ ଶ୍ରଦ୍ଧାଳୁମାନେ ଭଗବାନ ଶ୍ୟାମ ବାବାଙ୍କ ଦର୍ଶନ ପାଇଁ ଲମ୍ବା ଧାଡ଼ିରେ ଅପେକ୍ଷା କରିଥିଲେ। ପରେ ସହସ୍ରାଧିକ ଶ୍ରଦ୍ଧାଳୁ ଅନ୍ନପ୍ରସାଦ ସେବନ କରିଥିଲେ।

ପୁରାଣ ବର୍ଣ୍ଣିତ ମହାଭାରତ ଯୁଦ୍ଧରେ ଦୁର୍ବଳଙ୍କ ସପକ୍ଷରେ ରହି ମହାନ ଯୋଦ୍ଧା ବର୍ବରିକ ଶତ୍ରୁ ନିପାତ କରୁଥିଲେ। ଘଟଚକଚ ଓ ଅହିଲ୍ୟାବତୀଙ୍କ ଜ୍ୟୋଷ୍ଠପୁତ୍ର ବର୍ବରିକ। ଶ୍ରୀକୃଷ୍ଣଙ୍କ ଗୁରୁଦକ୍ଷିଣା ସ୍ୱରୂପ ରଣଚଣ୍ଡୀ ନିକଟରେ ବର୍ବରିକଙ୍କ ଶିର ଛେଦନ ହେଲା। ଯୁଦ୍ଧଭୂମି ନିକଟରେ ଶରୀର ବିଖଣ୍ଡିତ ଶିର ଯୁଦ୍ଧ ଶେଷ ପର୍ଯ୍ୟନ୍ତ ସତେଜ ରହି ଯୁଦ୍ଧ ଦୃଶ୍ୟ ଦେଖିବା ସହିତ ବୀର ହୁଙ୍କାର ଦେଉଥିଲେ। ଶ୍ରୀକୃଷ୍ଣଙ୍କ ଆଶୀର୍ବାଦରେ ଶ୍ୟାମଜୀ ରୂପରେ ପୂଜିତ ହେଲେ। ହିନ୍ଦୁ ଧର୍ମର ଶ୍ରୀକୃଷ୍ଣଙ୍କ କଳିଯୁଗର ଅବତାର ଭାବେ ଭଗବାନ ଖାଟୁ ଶ୍ୟାମ ବାବା ରୂପରେ ପୂଜିତ ହୋଇ ଆସୁଛନ୍ତି। ଧର୍ମୀୟ ଭାବନା ଓ ବିଶ୍ୱାସରେ ଶ୍ୟାମ ବାବାଙ୍କ ଆଶୀର୍ବାଦରେ ସୁଖ ସମୃଦ୍ଧି ପ୍ରାପ୍ତ ହୁଏ ବୋଲି ବିଶ୍ୱାସ ରହିଛି। ରାଜସ୍ଥାନ ସିକର ଜିଲ୍ଲାରେ ଏହି ମନ୍ଦିର ହିନ୍ଦୁ ତୀର୍ଥସ୍ଥଳ ଭାବେ ପ୍ରସିଦ୍ଧି ଲାଭ କରିଛି ବୋଲି ଆୟୋଜକମାନେ ପ୍ରକାଶ କରିଛନ୍ତି। ଏହି ଉତ୍ସବରେ ୟୁଟ୍ୟୁବ ଇନଫ୍ଲୁଏନ୍ସର ଏବଂ ବ୍ଲଗର କୋଲକାତାର ଉଜ୍ଜ୍ୱଳ କେଡ଼ିଆ, କ୍ରିଷ୍ଣା ନୃତ୍ୟ ନାଟିକା, ରାଜୁ ପଦାର ବାଦ୍ୟଗ୍ରୁପ ଏବଂ ଦିୱାନା ଧମାଲ ଗ୍ରୁପ ନୃତ୍ୟନାଟିକା ଏବଂ ଭକ୍ତି ସଙ୍ଗୀତ ପରିବେଷଣ କରିଥିଲେ। ଉତ୍ସବକୁ ଅନୁଗୋଳର ବିଶିଷ୍ଟ ଉପସ୍ଥାପିକା ମୁସ୍କାନ ଗୁପ୍ତା ପରିଚାଳନା କରିଥିବା ବେଳେ ପୂଜା ଅଗ୍ରୱାଲ ଓ ପୂଜା ଫୋଗଲା ପ୍ରମୁଖ ସହ ଉପସ୍ଥାପକ ଭାବେ ସହଯୋଗ କରିଥିଲେ। ମୁସ୍କାନ ଗୁପ୍ତା, ପ୍ରତୀକ୍ଷା ଅଗ୍ରୱାଲ, ପୂଜା ଅଗ୍ରୱାଲ, ଜ୍ୟୋତି ଅଗ୍ରୱାଲ, ଆକାଂକ୍ଷା ଅଗ୍ରୱାଲ, ପାୟଲ ଲିହାଲା, ପୁରବୀ ଶର୍ମା ଏବଂ ଶିଖା ଅଗ୍ରୱାଲ ପ୍ରମୁଖ ଭକ୍ତି ନୃତ୍ୟ ପରିବେଷଣ କରି ଶୀତୁଆ ସନ୍ଧ୍ୟାରେ ଉଷ୍ମତା ଭରିଦେଇଥିଲେ। ଉତ୍ସବରେ ଦୀପକ ଅଗ୍ରୱାଲ, ଗୌରବ ଅଗ୍ରୱାଲ, ଶ୍ରୀଧର ଅଗ୍ରୱାଲ, ଆଦିତ୍ୟ ଫୋଗଲା, ଜିତେନ୍ଦ୍ର ମୋଦୀ, ପ୍ରୀତମ ତିୱାରୀ, ଆଶୁତୋଷ ମୀରାନିଆ, ପ୍ରତୀକ ଅଗ୍ରୱାଲ, ଦୀପକ ଅଗ୍ରୱାଲ ଏବଂ ମୋହିତ ଅଗ୍ରୱାଲ ପ୍ରମୁଖ ସହଯୋଗ କରିଥିଲେ।

ରାଜନଗର ପଞ୍ଚାୟତ ସମିତି ବୈଠକ

# ପଞ୍ଚାୟତ ପ୍ରତିନିଧିଙ୍କ ତତ୍ତ୍ୱାବଧାନରେ ହେବ ସିଡିଆର ଅର୍ଥ ବିନିଯୋଗ

ରାଜନଗର,୧୦।୧(ସମିସ): ରାଜନଗର ପଞ୍ଚାୟତ ସମିତିର ୫ମ ସାଧାରଣ ଅଧିବେଶନ ପଞ୍ଚାୟତ ସମିତି ଅଧକ୍ଷା ପ୍ରତିଭା ପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ରାଜନଗର ବିଧାୟକ ଧ୍ରୁବ ସାହୁ ବୈଠକରେ ଯୋଗଦେଇ ରାଜନଗର ବାତ୍ୟା ବନ୍ୟା ପ୍ରବଣ ଅଞ୍ଚଳ, ବାତ୍ୟା 'ଦାନା'ର ସଫଳ ମୁକାବିଲା ପାଇଁ ପ୍ରଶାସନ ଓ ପଞ୍ଚାୟତ ପ୍ରତିନିଧିମାନଙ୍କୁ ଧନ୍ୟବାଦ ଦେଇଥିଲେ। ବିକାଶମୂଳକ କାର୍ଯ୍ୟ କିପରି ତ୍ୱରାନ୍ୱିତ ହେବ ସେ ନେଇ ମତ ରଖିଥିଲେ। ବୈଠକରେ ପାନୀୟଜଳ, ଗର୍ଭବତୀ ମହିଳା ଓ ଶିଶୁଙ୍କୁ ଖାଦ୍ୟ ବଣ୍ଟନ, ବାତ୍ୟା 'ଦାନା'ରେ କ୍ଷତିଗ୍ରସ୍ତ ଭିତିଭୂମିର କାର୍ଯ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା। ବୈଠକରେ ନିମ୍ନମାନର ଛତୁଆ ପ୍ରଦାନ ଓ ସିଡିପିଓ ବୈଠକରେ ଅନୁପସ୍ଥିତ ଥିବାନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ଓଜନଠାରୁ କମ୍ ଛତୁଆ, ସୁଜି ବଣ୍ଟନ ଓ ପୋକରା ସୁଜି ବଣ୍ଟନକୁ ନେଇ ସଭ୍ୟସଭ୍ୟାମାନେ ପ୍ରଶ୍ନ କରିଥିଲେ। ସିଡିପିଓଙ୍କ ଅନୁପସ୍ଥିତିରେ ସୁପରଭାଇଜର ମିନତୀ ମିଶ୍ର ଏ ନେଇ ଉତ୍ତର ରଖିଥିଲେ। ବାଲିସାହିପାଟଣା ସରପଞ୍ଚ କୈଳାସ ଚନ୍ଦ୍ର ପରିଡ଼ା ବିଭିନ୍ନ ଉନ୍ନୟନମୂଳକ ଯୋଜନା ଓ ବାତ୍ୟା 'ଦାନା' କ୍ଷୟକ୍ଷତି ଯୋଗୁଁ ପଞ୍ଚାୟତ ସମିତିକୁ ଆସିଥିବା ଅନୁଦାନ ପଞ୍ଚାୟତ ପ୍ରତିନିଧିଙ୍କ ତତ୍ତ୍ୱାବଧାନରେ କରାଯିବାକୁ ଗୃହରେ ପ୍ରସ୍ତାବ ଆଗତ କରିଥିଲେ। ଏଥିସହ ଉନ୍ନୟନମୂଳକ କାର୍ଯ୍ୟରେ କୌଣସି ଅଣପ୍ରତିନିଧିଙ୍କ ହସ୍ତକ୍ଷେପ ଗ୍ରହଣୀୟ ହେବ ନାହିଁ ବୋଲି ସେ ପ୍ରସ୍ତାବ ଆଣିଥିଲେ। ସାନବଡ଼ଗୋପାଳପୁର ସରପଞ୍ଚ ଗୋଲେଖ ଚନ୍ଦ୍ର ସ୍ୱାଇଁ, ସମିତିସଭ୍ୟା ଆର୍ତ୍ତବନ୍ଧୁ ମହାନ୍ତି, ସରପଞ୍ଚ ବୀଣାପାଣୀ ମହାନ୍ତି ପ୍ରମୁଖ ସମର୍ଥନ କରିଥିଲେ। ପଞ୍ଚାୟତ ସମିତି ଉପାଧକ୍ଷ ଗଣେଷ ଚନ୍ଦ୍ର ଗୁଡିଆ ସମସ୍ତ ଉନ୍ନୟନମୂଳକ କାର୍ଯ୍ୟର ସ୍ୱଚ୍ଛତା ରକ୍ଷା ପାଇଁ ବିଗତ ଦିନରେ ପଞ୍ଚାୟତ ସମିତି ବୈଠକରେ ଲୋକାଭିମୁଖୀ ପ୍ରସ୍ତାବ ଗୃହୀତ ହୋଇଥିବା କହିଥିଲେ। ପଞ୍ଚାୟତ ସମିତି ଅଧୀନରେ ହେଉଥିବା ସମସ୍ତ ଉନ୍ନୟନମୂଳକ କାର୍ଯ୍ୟର ଦସ୍ତାବିଜ ପଞ୍ଚାୟତ ସମିତି ଅଧକ୍ଷାଙ୍କ ଦୃଷ୍ଟିଗୋଚର ନିମନ୍ତେ ଉପସ୍ଥାପିତ ହୋଇଆସୁଛି। ଏହି ପରମ୍ପରାକୁ ବଜାୟ ରଖିବାକୁ ସେ ପ୍ରସ୍ତାବ ଆଣିଥିଲେ। ରାଜନଗର ସରପଞ୍ଚ ସୁଶ୍ରୀ ସଂଗୀତା ମିଶ୍ର, ଗୁପ୍ତି ସରପଞ୍ଚ ଶାନ୍ତିଲତା ବିଶ୍ୱାଳ, ଘଡିଆମାଳ ସରପଞ୍ଚ ଶୈଳେନ୍ଦ୍ର କୁମାର ମିଶ୍ର, କୃଷ୍ଣନଗର ସରପଞ୍ଚ ନନ୍ଦ ଦୁଲାଲ ପରିଡା, ମହୁଲିଆ ସମିତି ସଭ୍ୟ ସଂଜୟ କୁମାର ସ୍ୱାଇଁ ପ୍ରମୁଖ ପ୍ରସ୍ତାବ ଦୃଢୀକରଣ ପାଇଁ ମତ ରଖିଥିଲେ। ବୈଠକରେ ମେଗା ପାନୀୟଜଳ ପ୍ରକଳ୍ପ କାମ ବିଳମ୍ବିତ ହେଉଥିବାରୁ ପ୍ରାୟ ସମସ୍ତ ପ୍ରତିନିଧି ନଳକୂପ ଖନନ ପାଇଁ ଦାବି ରଖିଥିଲେ। ଆଜିର ସାଂସଦଙ୍କ ପ୍ରତିନିଧି ଭାବେ ଯୋଗଦେଇଥିବା ବିକ୍ରମ ବାରିକ ରାଜନଗରରେ ପାନୀୟ ଜଳ ସମସ୍ୟା ଥିବାରୁ ନଳକୂପ ଖନନ ପାଇଁ ସାଂସଦଙ୍କୁ ଜଣାଇବେ ବୋଲି କହିଥିଲେ। ବୈଠକରେ ପଞ୍ଚାୟତ ସମିତି ଉପାଧକ୍ଷ ଗଣେଷ ଚନ୍ଦ୍ର ଗୁଡ଼ିଆ, ଜିଲ୍ଲାପରିଷଦ ସଭ୍ୟ ସୁରେନ୍ଦ୍ର ପ୍ରସାଦ ରାଉତ, ଖୁକୁମିନା କୁଅଁର, ବିଡିଓ ଅଜିତ ନାରାୟଣ ପ୍ରସାଦ ଗିରି, ତହସିଲଦାର ଅଜୟ କୁମାର ମହାନ୍ତି, ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡ. ରଶ୍ମୀ ରଂଜନ ମହାନ୍ତି, ସହକାରୀ ନିର୍ବାହୀ ଯନ୍ତ୍ରୀ ଶାରଦା ପ୍ରସାଦ ନାୟକ, ଜିପିଇଓ ଧର୍ମେନ୍ଦ୍ର ଦାଶଙ୍କ ସହିତ ସମସ୍ତ ସମିତି ସଭ୍ୟ, ସରପଞ୍ଚ, କନିଷ୍ଠ ଯନ୍ତ୍ରୀମାନେ ଯୋଗଦେଇଥିଲେ।




■ ଶବଦାହ ଗୃହ ରାସ୍ତା କାମ ନିମ୍ନମାନର ଅଭିଯୋଗ

# ଜିଲ୍ଲାପାଳଙ୍କୁ ଗ୍ରାମବାସୀଙ୍କ ଦାବିପତ୍ର

କେନ୍ଦ୍ରାପଡ଼ା,୧୦।୧(ସମିସ): ମାର୍ଶାଘାଇ ବ୍ଲକ୍ ଅଙ୍ଗୁଲେଇ ପଞ୍ଚାୟତରେ ମନରେଗା ଯୋଜନାରେ ଶବଦାହ ଗୃହକୁ ରାସ୍ତା ନିର୍ମାଣ କରାଯାଇଛି। ଏହି ରାସ୍ତା କାମ ନିମ୍ନମାନର ହୋଇଥିବା ନେଇ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଅଙ୍ଗୁଲେଇ ପଞ୍ଚାୟତ ନିଳାଦ୍ରୀପୁର ଗ୍ରାମର ଶବଦାହ ଗୃହ ରାସ୍ତା ମନରେଗା ଯୋଜନାରେ ଦୁଇବର୍ଷ ପୂର୍ବରୁ ନିର୍ମାଣ ହୋଇ କାମ ଶେଷ ହେଇଛି। ସେଠାରେ ସ୍ଥାୟୀ ଢଳେଇ ରାସ୍ତାର ଆବଶ୍ୟକତା ଥିବା ସ୍ଥଳେ ନାମକୁ ମାତ୍ର ୬/୭ ଜଣକୁ ଡାକି ଫଟୋ ଉଠାଇ ଅଳ୍ପ ମାଟି ପକାଇ ନିର୍ଦ୍ଦିଷ୍ଟ କିଛି ଲୋକଙ୍କ କାର୍ଡରେ ହାଜିରା ପକାଯାଇଥିବା ଅଭିଯୋଗ ହୋଇଛି। ବୁଝାବଣା ଅନୁସାରେ ଟଙ୍କା ଆସିଲେ ୨ ଶହରୁ ୩ ଶହ ଜବକାର୍ଡଧାରୀ ରଖି ଅବଶିଷ୍ଟ ଠିକାଦାରଙ୍କୁ ଦେବେ। ଏପରିକି ଥରେ ନୁହେଁ ୨ ଥର ବିଲ କରିବାକୁ ମସୁଧା ଚାଲିଛି। ଅଞ୍ଚଳର ଗ୍ରାମସାଥୀ ଏପରି କାମକୁ ବିରୋଧ କରିବାରୁ ସେମାନଙ୍କୁ ବାଦ ଦେଇ ଅନ୍ୟ ପଞ୍ଚାୟତର ଗ୍ରାମସାଥୀଙ୍କ ଦ୍ୱାରା ଫଟୋ ହାଜିରା ନେଇ ବିଲ କରାଯାଉଛି। ଯାହାକି ଗରିବ ଶ୍ରମିକଙ୍କ କର୍ମନିଯୁକ୍ତି ଯୋଜନାର ବାଟମାରଣା ହେଉଥିବା ଅଭିଯୋଗ କରାଯାଇଛି। ଏହି ଘଟଣାର ନିରପେକ୍ଷ ତଦନ୍ତ କରାଯିବାକୁ ଗ୍ରାମବାସୀଙ୍କ ପକ୍ଷରୁ ସ୍ମୃତିରଞ୍ଜନ ମଲ୍ଲିକ, ସ୍ମୃତିରେଖା ଦାସ, କିରଣବାଳା ରାଉତ ଓ କିରଣ ମହାନ୍ତି ପ୍ରମୁଖ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି।

● ଜିଲ୍ଲାସ୍ତରୀୟ ସିନିୟର ଆନ୍ତଃକ୍ଲବ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# ସୁପର ଲିଗ୍‌ରେ ଇଲେଭେନ୍ ଷ୍ଟାର୍ କ୍ଲବ୍ ବିଜୟୀ

କେନ୍ଦ୍ରାପଡ଼ା,୧୦।୧(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା କ୍ରିକେଟ୍ ଆସୋସିଏସନ ଓ ଓସିଏର ମିଳିତ ଆନୁକୂଲ୍ୟରେ ବିଜୁ ପଟ୍ଟନାୟକ ଷ୍ଟାଡ଼ିୟମରେ ଚାଲିଥିବା ଜିଲାସ୍ତରୀୟ ଆନ୍ତଃକ୍ଲବ୍ ସୁପର ଲିଗ୍‌ର ୧୮ତମ ମ୍ୟାଚ୍‌ରେ ଇଲେଭେନ ଷ୍ଟାର୍ କ୍ରିକେଟ୍ କ୍ଲବ୍ ବିଜୟୀ ହୋଇଛି। ଇଲେଭେନ ଷ୍ଟାର କ୍ରିକେଟ କ୍ଲବ ଓ ଆଳି କ୍ରିକେଟ୍ ସ୍ପୋର୍ଟ୍ସ କାଉନ୍‌ସିଲ୍ ମଧ୍ୟରେ ସୁପର ଲିଗ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଇଲେଭେନ ଷ୍ଟାର୍ କ୍ଲବ୍ ଟସ୍ ଜିତି ବ୍ୟାଟିଂ କରି ୪୦ ଓଭରରେ ୭ ୱିକେଟ୍ ବିନିମୟରେ ୨୧୨ ରନ୍ କରିଥିଲା। ଜବାବରେ ଆଳି ୩୩ ଓଭରରେ ୧୦ ୱିକେଟ୍ ବିନିମୟରେ ୧୫୭ ରନ୍ କରି ୫୫ ରନ୍‌ରେ ପରାସ୍ତ ହୋଇଥିଲା। ଇଲେଭେନ ଷ୍ଟାର କ୍ରିକେଟ କ୍ଲବର ରାକେଶ ଦାସ ୮ ଓଭର ବୋଲିଂ କରି ୨୮ ରନ ଦେଇ ୪ଟି ୱିକେଟ୍ ନେଇଥିବାବେଳେ ୭ଟି ବଲ୍‌ରେ ୮ ରନ୍ ବ୍ୟାଟିଂ କରି ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। କ୍ରିକେଟ୍ ଖେଳାଳି ଜ୍ୟୋତି ରଞ୍ଜନ ଶତପଥୀ ଅତିଥି ଭାବେ ଯୋଗଦେଇ ଟ୍ରଫି ପ୍ରଦାନ କରିଥିଲେ। ବିଶ୍ୱଜିତ ଅଧିକାରୀ ଓ ଲଳିତେନ୍ଦୁ ପଣ୍ଡା ଖେଳ ପରିଚାଳନା କରିଥିବାବେଳେ ଚିରଞ୍ଜୀବ ବଳ ଓ ଏସ୍‌କେ ମିନାଜୁଦ୍ଦିନ୍ ସ୍କୋରର ଥିଲେ। ବରଦା କାନ୍ତ ବରାଳ ଧାରା ବିବରଣୀ ପ୍ରଦାନ କରିଥିଲେ। କେନ୍ଦ୍ରାପଡ଼ା ଜିଲ୍ଲା କ୍ରିକେଟ ଆସୋସିଏସନର ସମ୍ପାଦକ ଶୁଭାଶିଷ ସେନାପତିଙ୍କ ତତ୍ତ୍ୱାବଧାନରେ ଆକବର ଅଲ୍ଲୀ ଖାନ, କାର୍ତ୍ତିକ ସାହୁ, ଦୀପକ କୁମାର ବାରିକ, ସମୀର ମହାପାତ୍ର ଖେଳ ପରିଚାଳନା କରିଥିଲେ।

# ମାହାଙ୍ଗା ମାଟିରେ 'ନାଟ୍ୟଶ୍ରୀ ସମ୍ମାନ'

ପଟ୍ଟାମୁଣ୍ଡାଇ,୧୦।୧(ସମିସ): ଯାଜପୁର ଜିଲ୍ଲା ବାଲିଚନ୍ଦ୍ରପୁରରେ ଅନୁଷ୍ଠିତ ମାହାଙ୍ଗା-ବଡ଼ଚଣା ସାହିତ୍ୟ ଓ ସଂସ୍କୃତି ପରିଷଦର ୩୨ତମ ସାମ୍ବତ୍ସରିକ ଉତ୍ସବ ପାଳନ ଅବସରରେ କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ୍ ଅଧୀନସ୍ଥ ବୋଧଗାଁ ଗ୍ରାମର ନାଟ୍ୟକାର, କବି ପଣ୍ଡିତ ପ୍ରମୋଦ କୁମାର ତ୍ରିପାଠୀଙ୍କୁ ତାଙ୍କ ସାରସ୍ୱତ ସାଧନା ପାଇଁ "ନାଟ୍ୟଶ୍ରୀ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ମାହାଙ୍ଗା-ବଡ଼ଚଣା ସାହିତ୍ୟ ଓ ସଂସ୍କୃତି ପରିଷଦର ସଭାପତି ସାମ୍ବାଦିକ ଭକ୍ତ ଚରଣ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ 'ସମ୍ବାଦ ଗ୍ରୁପ'ର ଅଧ୍ୟକ୍ଷ ସୌମ୍ୟରଞ୍ଜନ ପଟ୍ଟନାୟକ, ପୂର୍ବତନ ସାଂସଦ ଓ ବର୍ଷିୟାନ କବି ପ୍ରସନ୍ନ ପାଟଶାଣୀ, ବରିଷ୍ଠ କବି ଫନୀ ମହାନ୍ତି, ବିଧାୟକ ଶାରଦା ପ୍ରସନ୍ନ ପ୍ରଧାନ, ବିଧାୟକ ଅମର କୁମାର ନାୟକ, ବିଷ୍ଣୁପ୍ରସାଦ କଲେଜ ଅଧ୍ୟକ୍ଷ ପବିତ୍ର ମାହଲା, ପୂର୍ବତନ ମହିଳା କମିଶନ ଅଧ୍ୟକ୍ଷା ନମ୍ରତା ଚଢା ପ୍ରମୁଖ ଅତିଥି ଭାବେ ଯୋଗଦେଇ ପଣ୍ଡିତ ପ୍ରମୋଦ ତ୍ରିପାଠୀଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ।




# 'ବିଶ୍ୱ ଉପରେ ଭାଷାର ପ୍ରଭାବ' ଆଲୋଚନାଚକ୍ର

ଗରଦପୁର,୧୦।୧(ସମିସ): ମଣିଷ ବଞ୍ଚିବା ପାଇଁ ଯେପରି ଅମ୍ଳଜାନ ଆବଶ୍ୟକ, ସେପରି ଭାଷା ମଧ୍ୟ ଜରୁରୀ ଅଟେ। ସାରା ବିଶ୍ୱ ଭାତୃତ୍ୱ ଡୋରିରେ ବନ୍ଧା ହୋଇଥିଲେ ବି କୋଣଅନୁକୋଣ ହେଉ ଅବା ଦେଶ ଓ ମହାଦେଶ ମଧ୍ୟରେ ଭାଷା ହିଁ ପରିଚୟ ସୃଷ୍ଟି କରି ବିଶ୍ୱ ଉପରେ ପ୍ରଭାବ ପକାଇ ସମ୍ପର୍କର ସେତୁ ବାନ୍ଧି ପାରିଛି ବୋଲି ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଶିଷ୍ଟ କଥାକାର ତଥା କୁଜଙ୍ଗ ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପିକା ଡଃ ସୃଷ୍ଟି ମହାନ୍ତି ମତବ୍ୟକ୍ତ କରିଛନ୍ତି। ବୁଧବାର ଗରଦପୁର ବ୍ଲକ୍ ଲୋକନାଥ ମହାବିଦ୍ୟାଳୟରେ ଇଂରାଜୀ ବିଭାଗ ପକ୍ଷରୁ ଆୟୋଜିତ 'ବିଶ୍ୱ ଉପରେ ଭାଷାର ପ୍ରଭାବ' ଶୀର୍ଷକ ଆଲୋଚନାଚକ୍ରରେ ବିଭାଗ ମୁଖ୍ୟ ପ୍ରଧ୍ୟାପକ ଦିଲ୍ଲୀପ କୁମାର ସାହୁଙ୍କ ସଯୋଜନା କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଆଲୋଚନାଚକ୍ରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ମେଜର ମନୋରଞ୍ଜନ ମହାନ୍ତି, ଓଡିଆ ବିଭାଗ ମୁଖ୍ୟ ପ୍ରଧ୍ୟାପିକା ଡଃ ବିଚିତ୍ରା ମଞ୍ଜରୀ ତ୍ରିପାଠୀ, ଅଧ୍ୟାପିକା ଏଲିନା ପରିଡ଼ା, ସେହ୍ନାଞ୍ଜଳି ମହାପାତ୍ର, ଚିନ୍ମୟୀ ଜେନା ଯୋଗଦେଇ ଭାଷା ଉପରେ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ରୋହିତ ଏକ୍କା, ସତ୍ୟବ୍ରତ ଜେନା, ଅଧ୍ୟାପିକା ପୁଷ୍ପଲତା ଶତପଥୀ, ସସ୍ମିତା ଆଚାର୍ଯ୍ୟ, ଲୋପାମୁଦ୍ରା ମହାପାତ୍ରଙ୍କ ସମେତ ଛାତ୍ରଛାତ୍ରୀ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ଅଧ୍ୟାପିକା ଐଶ୍ୱର୍ଯ୍ୟା ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ରିଲୁଶ୍ରୀ ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

କେନ୍ଦ୍ରାପଡ଼ା ପୁସ୍ତକମେଳା

# ରଞ୍ଜନ ଓ ଦେବଦତ୍ତ ପାଇବେ ନବସୃଜନ ପୁରସ୍କାର

କେନ୍ଦ୍ରାପଡା,୧୦।୧(ସମିସ): କେନ୍ଦ୍ରାପଡ଼ା ଇଭେଣ୍ଟ ମ୍ୟାନେଜର୍ସ(କେମ୍) ଦ୍ୱାରାଆୟୋଜିତ୨୨ତମରାଜ୍ୟସ୍ତରୀୟ କେନ୍ଦ୍ରାପଡ଼ା ପୁସ୍ତକମେଳା ପୁରସ୍କାର ଘୋଷଣା କରାଯାଇଛି। ସାହିତ୍ୟ ସର୍ଜନା, ସମାଜସେବା ଓ ପୁସ୍ତକ ପ୍ରକାଶନ କ୍ଷେତ୍ରରେ ପ୍ରତିବର୍ଷ ପୁସ୍ତକମେଳାର ଉଦ୍‌ଯାପନ ଦିବସରେ ଉଲ୍ଲେଖନୀୟ ସଫଳତା ପାଇଥିବା ବିଶିଷ୍ଟ ପ୍ରତିଭାମାନଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇ ଆସୁଛି। ଆୟୋଜକ କେମ୍‌ର ଚୟନ କମିଟି ଦ୍ୱାରା ଚଳିତବର୍ଷ ପାଇଁ ଏହି ପୁରସ୍କାରର ପ୍ରାପକମାନଙ୍କ ନାମ ଘୋଷଣା କରାଯାଇଛି। ଚଳିତ ବର୍ଷ ପଚାଶ ବର୍ଷ ବୟସସୀମା ମଧ୍ୟରେ "ପୁସ୍ତକ ମେଳା ଯୁବ ସାହିତ୍ୟ ପୁରସ୍କାର' ଯୁବ କଥାକାର, ପ୍ରାବନ୍ଧିକ ଓ ବରିଷ୍ଠ ସାମ୍ବାଦିକ ରଞ୍ଜନ କୁମାର ପ୍ରଧାନଙ୍କୁ ପ୍ରଦାନ କରାଯିବ। ସେହିପରି ୩୫ବର୍ଷରୁ କମ୍ ବୟସ ବର୍ଗରୁ ନୂତନ ପିଢିର ତରୁଣ ଲେଖକ ଲେଖିକାମାନଙ୍କୁ ସାହିତ୍ୟ ରଚନା ଦିଗରେ ପ୍ରୋତ୍ସାହିତ କରିବା ନିମନ୍ତେ "ପୁସ୍ତକ ମେଳା ନବସୃଜନ ପୁରସ୍କାର' ପ୍ରଦାନ କରାଯିବ ବୋଲି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଚଳିତ ବର୍ଷ ଯୁବକବି ଦେବଦତ୍ତ ମିଶ୍ରଙ୍କୁ ନବସୃଜନ ପୁରସ୍କାର ପ୍ରଦାନ କରାଯିବ। ପ୍ରକାଶଯୋଗ୍ୟ, ଦେବଦତ୍ତଙ୍କ "ନିରୁଦ୍ଦିଷ୍ଟ ଈଶ୍ୱର' କବିତା ପୁସ୍ତକଟି କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ ସାହିତ୍ୟ ପୁରସ୍କାର ଓଡ଼ିଆ ଭାଷା ବର୍ଗରେ ଶ୍ରେଷ୍ଠ ଦଶଟି ପୁସ୍ତକ ମଧ୍ୟରେ ଚୁଡ଼ାନ୍ତ ବିଚାର ପର୍ଯ୍ୟାୟକୁ ଉତ୍ତୀର୍ଣ୍ଣ ହୋଇଥିଲା।



ଉଭୟ ରଞ୍ଜନ ପ୍ରଧାନ ଓ ଦେବଦତ୍ତଙ୍କୁ ପୁରସ୍କାର ସ୍ୱରୂପ ପ୍ରତ୍ୟେକଙ୍କୁ ମାନପତ୍ର ଓ ଉପଢୌକନ ସହ ପାଞ୍ଚ ହଜାର ଟଙ୍କାର ଅର୍ଥରାଶି ପ୍ରଦାନ କରାଯିବ। ସେହିପରି କେନ୍ଦ୍ରାପଡ଼ା ଜିଲ୍ଲାର ବରିଷ୍ଠ ସାହିତ୍ୟିକଙ୍କ ଆଜୀବନ ସାଧନା, ଉଲ୍ଲେଖନୀୟ କୃତି ଓ ଅବଦାନକୁ ବିଚାରରେ ରଖି ଚଳିତବର୍ଷ ଓଡ଼ିଆ ସାହିତ୍ୟର ବିଶିଷ୍ଟ ସାହିତ୍ୟିକ ଅଶୀତିପର କଥାକାର ରାଜକନିକାର ଲକ୍ଷ୍ମୀଧର ନାୟକ ଆଦିସ୍ୟଙ୍କୁ "କେନ୍ଦ୍ରାପଡ଼ା ପୁସ୍ତକମେଳା ତାଳଧ୍ୱଜ ସମ୍ମାନ' ପ୍ରଦାନ କରାଯିବ। ସେହିପରି ସାହିତ୍ୟ ଓ ଗବେଷଣା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ବିଶିଷ୍ଟ ବର୍ଷୀୟାନ ସାହିତ୍ୟିକ ବାସୁଦେବ ଦାସଙ୍କୁ "ପୁସ୍ତକମେଳା ସାହିତ୍ୟ ସମ୍ମାନ' ପ୍ରଦାନ କରାଯିବ। ଏହା ସହିତ ଜିଲ୍ଲାରେ ସେବା କ୍ଷେତ୍ରରେ କେନ୍ଦ୍ରାପଡ଼ାର ଗ୍ରାମାଞ୍ଚଳରେ ଦୀର୍ଘ ପାଞ୍ଚ ଦଶନ୍ଧୀରୁ ଉର୍ଦ୍ଧ୍ୱ ନିରନ୍ତର ଚିକିତ୍ସା ସେବା ଯୋଗାଇ ଆସୁଥିବା କରିଲୋପାଟଣାର ବର୍ଷିଆନ୍ ଚିକିତ୍ସକ ଓ ସ୍ୱାସ୍ଥ୍ୟ ବିଜ୍ଞାନ ଲେଖକ ଡାକ୍ତର ଗୌରାଙ୍ଗ ଚରଣ ସାମନ୍ତରାୟଙ୍କୁ "ପୁସ୍ତକମେଳା ସେବା ସମ୍ମାନ' ଓ ଅଗ୍ରଣୀ ପୁସ୍ତକ ପ୍ରକାଶନ ସଂସ୍ଥା ସାଇ ଯମୁନା ପବ୍ଲିକେଶନ୍‌ର ସତ୍ତ୍ୱାଧିକାରୀ ଚନ୍ଦ୍ରମଣି ଭୂୟାଁଙ୍କୁ "ପୁସ୍ତକମେଳା ଶ୍ରେଷ୍ଠ ପ୍ରକାଶକ ସମ୍ମାନ' ପ୍ରଦାନ କରାଯିବ। ଏ ସମସ୍ତ ପ୍ରତିଭାଙ୍କୁ ୧୩ ଜାନୁୟାରୀ ଉଦ୍‌ଯାପନ ସନ୍ଧ୍ୟାରେ ମୁଖ୍ୟ ଓ ବିଶିଷ୍ଟ ଅତିଥିଙ୍କ ଦ୍ୱାରା ମାନପତ୍ର ଓ ଉପଢୌକନ ଅର୍ପଣ ସହ ସମ୍ମାନିତ କରାଯିବ। ଆୟୋଜକ କେମ୍ ପକ୍ଷରୁ ମୁଖ୍ୟ ଉପଦେଷ୍ଟା ବିରଜା ରାଉତରାୟ, ବିଶିଷ୍ଟ କବି ନିରାକାର ଦାସ, କବି ନବଜ୍ୟୋତି ରାୟ, ସଭାପତି ଅକ୍ଷୟ କୁମାର ପାଣି ଓ ସମ୍ପାଦକ ମହମ୍ମଦ ଜାହିଦ୍ ଖାନ୍ ପ୍ରକାଶ କରିଛନ୍ତି।

# ବ୍ୟବସାୟୀଙ୍କ ଶ୍ରଦ୍ଧାଞ୍ଜଳି ସଭା

ମାର୍ଶାଘାଇ,୧୦।୧(ସମିସ): ମାର୍ଶାଘାଇ ବ୍ଲକ୍ ଅନ୍ତର୍ଗତ ବାଘଡ଼ିଆ ଗ୍ରାମର ବ୍ୟବସାୟୀ ଜଳଧର ସ୍ୱାଇଁଙ୍କ ଏକାଦଶାହରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ବାରୁଅସ୍ଥ ଭାବଗ୍ରାହୀ କଳା ନିକେତନ ଓ ରେଡିଓ ଭାବଗ୍ରାହୀ ପକ୍ଷରୁ ସ୍ମୃତି ଶ୍ରଦ୍ଧାଞ୍ଜଳି ସଂଗୀତ ପରିବେଷଣ କରାଯାଇଥିଲା। ସ୍ୱର୍ଗତ ଜଳଧରଙ୍କ ପୁତ୍ର ବିଶ୍ୱପ୍ରକାଶ ସ୍ୱାଇଁ ଓ ଜ୍ୟୋତି ପ୍ରକାଶ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନରେ ସହଯୋଗ କରିଥିଲେ।

# ନୂତନ ବିଡିଓଙ୍କ ଯୋଗଦାନ

ରାଜନଗର, ୧୦।୧(ସମିସ): ରାଜନଗର ବ୍ଲକରେ ଆଜି ନୂତନ ବିଡିଓ ଭାବେ ଶୋଭନ ଶ୍ରୀତମ ପଣ୍ଡା ଯୋଗ ଦେଇଛନ୍ତି। ବିଡିଓ ଶ୍ରୀ ପଣ୍ଡା ପୂର୍ବରୁ ବଣାଇଁ ଡେପୁଟି କଲେକ୍ଟର ଭାବେ କାର୍ଯ୍ୟ କରୁଥିଲେ। ରାଜନଗର ବ୍ଲକରେ ବିଡିଓ ନିଶାନ ମିଶ୍ର ଅକ୍ଟୋବର ମାସରେ ବଦଳି ହୋଇଗଲା ପରେ ପଟ୍ଟାମୁଣ୍ଡାଇ ପୌରପାଳିକାର ନିର୍ବାହୀ ଅଧିକାରୀ ଅଜିତ ନାରାୟଣ ପ୍ରସାଦ ଗିରି ଅସ୍ଥାୟୀ ଭାବେ ବିଡିଓ ଦାୟିତ୍ୱ ତୁଲାଉଥିଲେ।

Sahitya Akademi
Ministry of Culture, Government of India
ସାହିତ୍ୟ ଅକାଦେମି
ଆୟୋଜିତ
ଯୁବ ପୁରସ୍କାର ୨୦୨୪
ଏବଂ
ପୁରସ୍କାର ପ୍ରାପକ ସମ୍ମିଳନୀ
୧୨-୧୩ ଜାନୁଆରି ୨୦୨୫
ଆପଣଙ୍କୁ ସାଦର ଆମନ୍ତ୍ରଣ
ରବିବାର, ୧୨ ଜାନୁଆରି ୨୦୨୫, ସନ୍ଧ୍ୟା ୫ଟା
ଯୁବ ପୁରସ୍କାର ୨୦୨୪
ଅର୍ପଣ ସମାରୋହ
ମହାରାଜା କୃଷ୍ଣଚନ୍ଦ୍ର ଗଜପତି ପ୍ରେକ୍ଷାଳୟ
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର, ଭୁବନେଶ୍ୱର-୭୫୧୦୦୪
କାର୍ଯ୍ୟସୂଚୀ
ଆବାହନୀ ସଙ୍ଗୀତ
ସ୍ୱାଗତ ଭାଷଣ : କେ. ଶ୍ରୀନିବାସରାଓ, ସଚିବ, ସାହିତ୍ୟ ଅକାଦେମି
ସଭାପତିଙ୍କ ଅଭିଭାଷଣ : ମାଧବ କୌଶିକ, ସଭାପତି, ସାହିତ୍ୟ ଅକାଦେମି
ଯୁବ ପୁରସ୍କାର ୨୦୨୪ ଅର୍ପଣ
ମୁଖ୍ୟ ଅତିଥିଙ୍କ ବକ୍ତବ୍ୟ : ଜେରି ପିଣ୍ଟୋ, ବିଶିଷ୍ଟ ଇଂରାଜୀ କବି
ସମାପନୀ ବକ୍ତବ୍ୟ : କୁମୁଦ ଶର୍ମା, ଉପ-ସଭାପତି, ସାହିତ୍ୟ ଅକାଦେମି
ସୋମବାର, ୧୩ ଜାନୁଆରି ୨୦୨୫, ପୂର୍ବାହ୍ନ ୧୦:୩୦
ପୁରସ୍କାର ପ୍ରାପକ ସମ୍ମିଳନୀ
(ପୁରସ୍କାର ପ୍ରାପକମାନେ ନିଜ ସୃଜନାତ୍ମକ ଅନୁଭବ ପ୍ରକାଶ କରିବେ)
ବୃଦ୍ଧମନ୍ଦିର ସଭାକକ୍ଷ, ପ୍ରଦର୍ଶନୀ ପଡ଼ିଆ ସମ୍ମୁଖ
ମଧୁସୂଦନ ମାର୍ଗ, ୟୁନିଟ-୯, ଭୁବନେଶ୍ୱର- ୭୫୧୦୨୨
ସଭାମୁଖ୍ୟ
କୁମୁଦ ଶର୍ମା
ଉପ-ସଭାପତି, ସାହିତ୍ୟ ଅକାଦେମି
ଯୁବ ପୁରସ୍କାର ୨୦୨୪ ପ୍ରାପକବୃନ୍ଦ
ନୟନଜ୍ୟୋତି ଶର୍ମା (ଅହମିଆ), ସୁତପା ଚକ୍ରବର୍ତ୍ତୀ (ବଙ୍ଗଳା)
ସେଲଫ ମେଡ୍ ରାଣୀ ବୋଡ଼ୋ (ବୋଡ଼ୋ), ହୀନା ଚୌଧୁରୀ (ଡୋଗ୍ରୀ)
କେ. ବୈଶାଳୀ (ଇଂରାଜୀ), ରିଙ୍କୁ ରାଜେସିଂହ ରାଠୋଡ଼ (ଗୁଜୁରାଟୀ)
ଗୌରବ ପାଣ୍ଡେ (ହିନ୍ଦୀ), ଶ୍ରୁତି ବି.ଆର. (କନ୍ନଡ଼)
ମୋହମ୍ମଦ ଆଶ୍ରଫ ଭଟ (ଆଶ୍ରଫ ଜିୟା) (କଶ୍ମିରୀ), ଅଦ୍ୱୈତ ସାଲଗାଓଁକର (କୋଙ୍କଣୀ)
ରିଙ୍କି ଝା ରିଷିକା (ମୈଥିଳୀ), ଶ୍ୟାମକ୍ରିଷ୍ଣନ ଆର୍ (ମାଲୟାଲମ୍)
ଥ୍ୱାଇଖୋମ ଚିଙ୍ଗଖେଙ୍ଗନବା (ମଣିପୁରୀ), ଦେବୀଦାସ ସୌଦାଗର (ମରାଠୀ)
ସୁରଜ ଚାପାଗାଇଁ (ନେପାଳୀ), ସଂଜୟ କୁମାର ପଣ୍ଡା (ଓଡ଼ିଆ), ରଣଧୀର (ପଞ୍ଜାବୀ)
ସୋନାଲି ସୁଥର (ରାଜସ୍ଥାନୀ), ମୁନି ପାର୍ଶ୍ୱସୁନ୍ଦର ବିଜୟଜୀ (ସଂସ୍କୃତ)
ଅଞ୍ଜନ କର୍ମକାର (ସାନ୍ତାଳୀ), ଗୀତା ପ୍ରଦୀପ ରୂପାନି (ସିନ୍ଧି)
ଲୋକେଶ ରଘୁରମଣ (ତାମିଲ), ରମେଶ କାର୍ତ୍ତିକ ନାୟକ (ତେଲୁଗୁ)
ମୋହମ୍ମଦ ଜାଭେଦ ଅହମଦ (ଜାଭେଦ ଅମ୍ବର ମିସବାହୀ) (ଉର୍ଦ୍ଦୁ)
RSVP: 011-23386626/27/28, ROK: 033-24191784/06
Email: secretary@sahitya-akademi.gov.in
Website: www.sahitya-akademi.gov.in

■ ଟିକନପୁର ପ୍ରିମିୟର ଲିଗ୍ ଉଦ୍‌ଯାପିତ

# କୋଲରକୁ ହରାଇ ଟିକନପୁର ଚାମ୍ପିଅନ୍

ଗରଦପୁର,୧୦।୧(ସମିସ): ଟିକନପୁର ବେଲ ବରୁଣେଇ କ୍ରିକେଟ୍ ଆସୋସିଏସନ ପକ୍ଷରୁ ଚାଲିଥିବା ଟିକନପୁର ପ୍ରିମିୟର ଲିଗ୍ ସିଜିନ-୨ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଗରଦପୁର ବ୍ଲକ୍ ଟିକନପୁର ଖେଳ ପଡ଼ିଆରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ମହାବୀର କ୍ରିକେଟ୍ ଟିମ୍ କୋଲରକୁ ହରାଇ ବେଲ ବରୁଣେଇ କ୍ରିକେଟ୍ ଟିମ୍ ଟିକନପୁର ଚାମ୍ପିଅନ ହୋଇଛି। ଗୁରୁବାର ଫାଇନାଲ ଖେଳରେ ଟସ୍ ଜିତି ପ୍ରଥମେ କୋଲର ଟିମ ବ୍ୟାଟିଂ କରି ନିର୍ଦ୍ଧାରିତ ୧୮ ଓଭର ବ୍ୟାଟିଂ କରି ସମସ୍ତ ୱିକେଟ୍ ହରାଇ ୧୭୧ ରନ କରିଥିଲା। ଏହାର ଜବାବରେ ଟିକନପୁର ୧୩.୪ ଓଭର ଖେଳି ୪ ୱିକେଟ ହରାଇ ଅଧିନାୟକଙ୍କ ଶେଷ ୬ ରନ ବଲରେ ୧୭୬ ରନ କରି ହୋଇଥିଲା। ସାଇ ସତ୍ୟଜିତ ଦାସ ମ୍ୟାନ ଅଫ୍ ସିରିଜ ହୋଇଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ବିଜେପି ମୁଖପାତ୍ର ତେଜେଶ୍ୱର ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗଦେଇ ଚାମ୍ପିଅନ ଟ୍ରଫି ସହ ନଗଦ ରାଶି ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରମୋଦ କୁମାର ଜେନା, ସରୋଜକାନ୍ତ ରାଉତରାୟ, ଉମାକାନ୍ତ ମଲ୍ଲିକ, ବିଘ୍ନେଶ୍ୱର ନାୟକ, ଉମେଶ କୁମାର ଜେନା ଓ ହେମନ୍ତ ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇ ରନର୍ସଅପ୍ ଓ ଅନ୍ୟ ଟ୍ରଫି ପ୍ରଦାନ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟକୁ ବେଲ ବରୁଣେଇ କ୍ରିକେଟ୍ ଆସୋସିଏସନର ସଭାପତି ବିଭୂପ୍ରସାଦ ଜେନା, ସମ୍ପାଦକ ଜ୍ୟୋତିର୍ବିନ୍ଦୁ ମଲ୍ଲିକ, ତ୍ରିଲୋଚନ ବିଶୋୟୀ, ଧୀରେଜ ନାୟକ, ନିଖିଲେଶ ଜେନାଙ୍କ ସମେତ କ୍ଲବର କର୍ମକର୍ତ୍ତା ଓ ଗ୍ରାମବାସୀ ସହଯୋଗ କରିଥିଲେ।

# ଏଡିଜେ କୋର୍ଟ ସ୍ଥାପନ ପାଇଁ କୃତଜ୍ଞତା

ପଟ୍ଟାମୁଣ୍ଡାଇ,୧୦।୧(ସମିସ): ଦୀର୍ଘଦିନ ଧରି ପଟ୍ଟାମୁଣ୍ଡାଇରେ ଏଡିଜେ କୋର୍ଟ ପ୍ରତିଷ୍ଠା ପାଇଁ ଦାବି ହୋଇଆସୁଥିବାବେଳେ ୮ ତାରିଖରେ ଏହା ଉଦ୍‌ଘାଟିତ ହୋଇଛି। ହାଇକୋର୍ଟଙ୍କ ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂହ ଭର୍ଚୁଆଲ୍ ମୋଡ୍‌ରେ ନୂଆ ଏଡିଜେ କୋର୍ଟ ଉଦ୍‌ଘାଟନ କରିଥିଲେ। ପଟ୍ଟାମୁଣ୍ଡାଇରେ ଏଡିଜେ କୋର୍ଟ ଖୋଲାଯିବା ପାଇଁ ରାଜ୍ୟ ସରକାର ସମସ୍ତ ପ୍ରକାରର ସହଯୋଗ ଯୋଗାଇ ଦେଇଛନ୍ତି। ଏଡିଜେ କୋର୍ଟ ଖୋଲାଯାଇଥିବାରୁ ସ୍ଥାନୀୟ ଅଞ୍ଚଳରେ ଆନନ୍ଦର ଲହରୀ ଖେଳିଯାଇଛି। ଏଥିପାଇଁ ହାଇକୋର୍ଟ ଓ ଆଇନମନ୍ତ୍ରୀଙ୍କୁ ରାଜନଗର ନିର୍ବାଚନମଣ୍ଡଳୀ ବିଜେପି ପ୍ରାର୍ଥୀ ଲଳିତ ବେହେରା, ପଟ୍ଟାମୁଣ୍ଡାଇ ଓକିଲ ସଂଘର ପୂର୍ବତନ ଉପସଭାପତି ପ୍ରମୋଦ ସାହୁ, ଯୁଗ୍ମସମ୍ପାଦକ ଶିଶିର ମଲିକ, ବରିଷ୍ଠ ନେତା ମିଟୁ ମନୋଜ ନାୟକ, କାଉନ୍‌ସିଲର ବିଦ୍ୟାଧର ସେଠୀ, ଶ୍ରୀମତୀ ମଲିକ, ବନୀତା ମଲିକ, ଜିଲ୍ଲା ବିଜେପି ଅନୁସୂଚିତ ଜାତି ସଭାପତି ଅନ୍ତର୍ଯ୍ୟାମୀ ମଲିକ, ପଟ୍ଟାମୁଣ୍ଡାଇ ମଣ୍ଡଳ ସଭାପତି ଅଶୋକ ସାହୁ, ଯୋଗେଶ ଚନ୍ଦ୍ର ବେହେରା, ପଦାରବିନ୍ଦ ସାହୁ, ପ୍ରତୀମା ସାହୁ, ରଞ୍ଜିତ ସାହୁ ଓ ସୁରେଶ ସାହୁ ପ୍ରମୁଖ କୃତଜ୍ଞତା ଜଣାଇଛନ୍ତି।

DRIEMS UNIVERSITY
ODISHA, TANGI, CUTTACK
ପ୍ରଥମ ସମାବର୍ତ୍ତନ ଉତ୍ସବ
୧୧ ଜାନୁୟାରୀ ୨୦୨୫ (ଶନିବାର)

ମୁଖ୍ୟଅତିଥି
ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନ
ମାନ୍ୟବର କେନ୍ଦ୍ର ଶିକ୍ଷା ମନ୍ତ୍ରୀ

### ପରିବାର ନିୟନ୍ତ୍ରଣ ଅସ୍ତ୍ରୋପଚାର ଶିବିର

# ଅସ୍ତ୍ରୋପଚାର ପରେ ମହିଳାଙ୍କୁ ତଳେ ଶୁଆଇଲେ

ଗଁଦିଆ,୧୦।୧(ସମିସ): ଗଁଦିଆ ବ୍ଲକ ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅନୁଷ୍ଠିତ ପରିବାର ନିୟନ୍ତ୍ରଣ ଅସ୍ତ୍ରୋପଚାର ଶିବିରରେ ବ୍ୟାପକ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ଶୁକ୍ରବାର ସ୍ୱାସ୍ଥ୍ୟକେନ୍ଦ୍ରରେ ପରିବାର ନିୟନ୍ତ୍ରଣ ଅସ୍ତ୍ରୋପଚାର ଶିବିର ଆୟୋଜନ କରାଯାଇଥିଲା। ଆଶାକର୍ମୀ ଓ ସ୍ୱାସ୍ଥ୍ୟକର୍ମୀଙ୍କ ପରାମର୍ଶରେ ବିଭିନ୍ନ ଅଞ୍ଚଳରୁ ମହିଳାମାନେ ଅସ୍ତ୍ରୋପଚାର ନିମନ୍ତେ ଆସିଥିଲେ। ଡା. ପ୍ରଶାନ୍ତ ସାମଲ ଅସ୍ତ୍ରୋପଚାର କରିଥିଲେ। ତେବେ ଅସ୍ତ୍ରୋପଚାର ପରେ ମହିଳାମାନଙ୍କୁ



ଶଯ୍ୟାରେ ଶୁଆଇବା ପରିବର୍ତ୍ତେ ଦରି ପାଲ ପକାଇ ତଳେ ଗଡ଼ାଇ ଦିଆଯାଇଥିବା ଦେଖିବାକୁ ମିଳିଛି। ମାଆମାନଙ୍କ ନିକଟରେ ସେମାନଙ୍କ କୁନି କୁନି ପିଲାମାନେ ମଧ୍ୟ ଶୋଇଥିବା ଦେଖାଯାଇଥିଲା। ସଂକ୍ରମଣର ଆଶଙ୍କା ଥିବା ସତ୍ତ୍ୱେ ବେପାରୁଆ ଭାବେ ମହିଳାମାନଙ୍କୁ ତଳେ ଶୁଆଇବାକୁ ନେଇ ସମ୍ପର୍କୀୟମାନଙ୍କ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ସୂଚନାଯୋଗ୍ୟ, ଏହି ଶିବିରରେ ମୋଟ ୫୫ ମହିଳାଙ୍କ ଅସ୍ତ୍ରୋପଚାର କରାଯାଇଥିଲା। କିଛି ଘଣ୍ଟା ବିଶ୍ରାମ ପରେ ମହିଳାମାନେ ନିଜ ନିଜ ଘରକୁ ଚାଲିଯାଇଥିବା ଜଣାଯାଇଛି। ଏ ସମ୍ପର୍କରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସିପି ମହାନ୍ତିଙ୍କୁ ଯୋଗଯୋଗ କରିବାରୁ ସେ କହିଲେ, ସ୍ୱାସ୍ଥ୍ୟକେନ୍ଦ୍ରରେ ଏତେ ସଂଖ୍ୟକ ରୋଗୀଙ୍କ ନିମନ୍ତେ ଶଯ୍ୟା ଅଭାବ ରହିଛି। ଏଣୁ ସମସ୍ତଙ୍କୁ ଶଯ୍ୟା ଯୋଗାଇଦେବା ସମ୍ଭବ ନୁହେଁ। ଅସ୍ତ୍ରୋପଚାର ପରେ କିଛି ଘଣ୍ଟା ବିଶ୍ରାମ ପରେ ମହିଳାମାନଙ୍କୁ ଘରକୁ ପଠାଇ ଦିଆଯାଇଛି ବୋଲି ଡା. ମହାନ୍ତି ପ୍ରକାଶ କରିଛନ୍ତି।

## ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

ଗଁଦିଆ,୧୦।୧(ସମିସ): ଗଁଦିଆ ବ୍ଲକ୍ କାବେରା ପଞ୍ଚାୟତର ବଡ଼ଜେନା ବିଦ୍ୟାପୀଠରେ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସଙ୍ଗୀତା ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟର ଶାରୀରିକ ଶିକ୍ଷା ଶିକ୍ଷୟିତ୍ରୀ ନନ୍ଦିନୀ ମହାନ୍ତିଙ୍କ ସଫଳ ନେତୃତ୍ୱ ଓ ସଂଯୋଜନାରେ ବିଦ୍ୟାଳୟ ପଡ଼ିଆରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ଅବସରପ୍ରାପ୍ତ ସ୍ୱତନ୍ତ୍ର ସିବିଆଇ ବିଚାରପତି ଭିକାରୀ ଚରଣ ରାଉତ ଯୋଗଦେଇ ଛାତ୍ରୀଛାତ୍ର କ୍ରୀଡ଼ା କ୍ଷେତ୍ରରେ କଠିନ ପରିଶ୍ରମ କରି ବାପାମାଆଙ୍କ ସ୍ୱପ୍ନ ସାର୍ଥକ କରିବା ପାଇଁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ତଥା ସାହିତ୍ୟିକ ଡ. ଦେବୀ ପ୍ରସାଦ ମିଶ୍ର ଯୋଗଦେଇ ଛାତ୍ରୀଛାତ୍ରଙ୍କୁ କ୍ରୀଡ଼ା କ୍ଷେତ୍ରରେ କ୍ୟାରିୟର ଗଠନ ଏବଂ ବୃତ୍ତିଗତ ସଫଳତାର ଗୁରୁତ୍ୱ ଉପରେ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଅବସରପ୍ରାପ୍ତ ସହକାରୀ ବନ ସଂରକ୍ଷକ ପରିବେଶବିତ୍ ଉପେନ୍ଦ୍ର କୁମାର ରାଉତ, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ବୃନ୍ଦାବନ ରାଉତ ଓ ସିଆର୍‌ସିସି ବିଶ୍ୱନାଥ ମାଝି ମଞ୍ଚାସୀନ ଥିଲେ। କ୍ରୀଡ଼ା ପ୍ରତିଯୋଗିତାରେ ବିଦ୍ୟାଳୟର ପ୍ରାୟ ୩୦୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଛାତ୍ରଛାତ୍ରୀମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ଉଫୁନାର ରୌପ୍ୟ ଜୟନ୍ତୀ ପାଳିତ




ଢେଙ୍କାନାଳ,୧୦।୧(ସମିସ): ସ୍ଥାନୀୟ ଏକ ହୋଟେଲ୍‌ରେ ଉତ୍କଳ ଫେଡେରେସନ୍ ଅଫ୍ ୟୁନାଇଟେଡ୍ ନେସନ୍ ଆସୋସିଏସନ୍ (ଉଫୁନା)ର ୨୫ତମ ପ୍ରତିଷ୍ଠା ଦିବସ ଅବସରରେ ରୌପ୍ୟ ଜୟନ୍ତୀ ପାଳିତ ହୋଇଛି। ଉଫୁନାର ମହାସଚିବ ସୁରେଶ ଶ୍ରୀବାସ୍ତବ ଆଭାସୀ ମାଧ୍ୟମରେ ଏହାକୁ ଉଦ୍‌ଘାଟନ କରିଥିଲେ। ଉଫୁନାର ରାଜ୍ୟ ସଭାପତି ତଥା ଜାତୀୟ ଉପ-ସଭାପତି ମନୋରଞ୍ଜନ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ରୂପେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭଜମନ ବେହେରା ଯୋଗଦେଇ କହିଲେ ଯେ ଭୁବନେଶ୍ୱର ପ୍ରବାସୀ ଭାରତୀୟ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବାର୍ତ୍ତା 'ଯୁଦ୍ଧ ନୁହେଁ ବୁଦ୍ଧ' ଆଜି ସମଗ୍ର ବିଶ୍ୱରେ ଗ୍ରହଣୀୟ ହୋଇପାରିଛି। ପୂର୍ବତନ ସିବିଆଇ ବିଚାରପତି ଭିକାରୀ ଚରଣ ରାଉତ ବୁଦ୍ଧଙ୍କ ପଞ୍ଚଶୀଳ ନୀତି ସମଗ୍ର ବିଶ୍ୱରେ ଶାନ୍ତି ଆଣିପାରିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ କହିଲେ ଯେ ୨୦୦୦ ମସିହାରେ ତତ୍କାଳୀନ ମୁଖ୍ୟ ବିଚାରପତି ଜଷ୍ଟିସ୍ ଗୋପାଳ ବଲ୍ଲଭ ପଟ୍ଟନାୟକ ଉଫୁନାକୁ ଉଦ୍‌ଘାଟନ କରିଥିଲେ। ଏହା ଆଜି ୨୫ ବର୍ଷରେ ପଦାର୍ପଣ କରିଛି ଓ ରୌପ୍ୟ ଜୟନ୍ତୀ ପାଳିତ ହେଉଛି। ୟୁନେସ୍କୋର ରାଜ୍ୟ ସଂଯୋଜକ ଭାବେ କବି ବାହାଦୁର ପାଟ୍ଟସାହାଣୀ ମନୋନୀତ ହୋଇ କାର୍ଯ୍ୟଭାର ଗ୍ରହଣ କରିଥିବାରୁ ଏହି ଅବସରରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପାଟ୍ଟସାହାଣୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ଦେବୀ ପ୍ରସାଦ ମିଶ୍ର, ଡ. ପ୍ରମୋଦ ନାୟକ, ଡ. ସମୀର କୁମାର ସାହୁ, ସମାଜସେବୀ ସରୋଜ ଶତପଥୀ, ପରିବେଶବିତ୍ ଉପେନ୍ଦ୍ର କୁମାର ରାଉତ, ରବିନାରାୟଣ ସେଠୀ, ବସନ୍ତ ବିଶ୍ୱାଳ, ପୀତବାସ ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଉଫୁନାର ମହାସଚିବ ଡ. ଦୀପାୟନ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉପଲକ୍ଷେ ଅନୁଷ୍ଠିତ କବିତା ପାଠୋତ୍ସବରେ କବି ବାହାଦୁର ପାଟ୍ଟସାହାଣୀ, ଡ. ଦେବୀ ପ୍ରସାଦ ମିଶ୍ର, ଡ. ପ୍ରମୋଦ ପରିଡ଼ା, ଲିଙ୍କୁ ପତି, କାହ୍ନୁଚରଣ ବାରିକ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଲଳିତ ବେହେରା, ସମାଜସେବୀ ଅନ୍ତର୍ଯ୍ୟାମୀ ରଥ ଓ ଚନ୍ଦ୍ରମଣି ନାୟକ ପ୍ରମୁଖ ଇଫୁନାର ସମସ୍ତ ସହଯୋଗୀ ସଦସ୍ୟଙ୍କ ସହାୟତାରେ କାର୍ଯ୍ୟକ୍ରମ ହୋଇଥିଲା।

## ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା



ଢେଙ୍କାନାଳ,୧୦।୧(ସମିସ): ସଦର ବ୍ଲକ ଗୋବିନ୍ଦପୁର ପଞ୍ଚାୟତସ୍ଥିତ ଉତ୍କଳମଣି ଗୋପବନ୍ଧୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦଯାପିତ ହୋଇଛି। ମୁଖ୍ୟଅତିଥି ଭାବେ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ପ୍ରଫେସର ଡ. ଦେବେନ୍ଦ୍ର କୁମାର ମିଶ୍ର ଯୋଗଦେଇ ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସମାଜସେବୀ ଶୈଳବାଳା ମିଶ୍ର ଯୋଗଦେଇଥିଲେ। ଉଦଯାପନୀ ଦିବସରେ ଅଧ୍ୟକ୍ଷ ପ୍ରଭାତ କୁମାର ସାମଲ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପ୍ରଶଂସା କରିବା ସହ ଖେଳର ଉପକାରିତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅନ୍ତର୍ଯ୍ୟାମୀ ସ୍ୱାଇଁ କ୍ରୀଡ଼ା ପ୍ରତିଯୋଗିତା ପରିଚାଳନା କରିଥିଲେ। ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ସହଯୋଗ କରିଥିଲେ। ବାଳକ ବିଭାଗରେ ପ୍ରଥମ ବର୍ଷ କଳା ଛାତ୍ର କାଳିଆ ଦେହୁରୀ ଓ ବାଳିକା ବିଭାଗରେ ପ୍ରଥମ ବର୍ଷ କଳା ଛାତ୍ରୀ ଅନନ୍ୟା ରାଉଳ ଚାମ୍ପିଅନ ହୋଇଛନ୍ତି।

# କୃଷକ ଓ ଶ୍ରମିକ ସଂଗଠନ ପକ୍ଷରୁ ବିକ୍ଷୋଭ



ଢେଙ୍କାନାଳ,୧୦।୧(ସମିସ): ବିଭିନ୍ନ ଦାବି ନେଇ ସ୍ଥାନୀୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜିଲ୍ଲାର ବିଭିନ୍ନ କୃଷକ ଓ ଶ୍ରମିକ ସଙ୍ଗଠନ ତରଫରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସଂଯୁକ୍ତ କିଷାନ ମୋର୍ଚ୍ଚା, କେନ୍ଦ୍ରୀୟ ଶ୍ରମିକ ସଂଗଠନଗୁଡ଼ିକ ପକ୍ଷରୁ ଭାଗଚାଷୀମାନଙ୍କୁ କ୍ଷତିପୂରଣ, ମୃତ ଚାଷୀଙ୍କ ପରିବାରକୁ ୨୦ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ, ଧାନମଣ୍ଡିରେ କଟ୍‌ନୀ ଛଟ୍‌ନୀ ବନ୍ଦ କରିବା ଓ ୩୧୦୦ଟଙ୍କା ପ୍ରଦାନ କରିବା ଦାବିରେ ଚେତାବନୀ ଦିବସ ପାଳନ କରିବା ପାଇଁ ଦିଆଯାଇଥିବା ଆହ୍ୱାନ ପରିପ୍ରେକ୍ଷୀରେ ଏହି ବିକ୍ଷୋଭ କରାଯାଇଥିଲା। ଏହି ଅବସରରେ ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଡିସେମ୍ବର ଶେଷ ସପ୍ତାହରେ ୨୧ଟି ଜିଲ୍ଲାରେ ଲଘୁଚାପ ଜନିତ ଅଦିନିଆ ବର୍ଷା ଯୋଗୁଁ ବ୍ୟାପକ ଫସଲ କ୍ଷତି ହୋଇଛି। ଓଡ଼ିଶାରେ ଚାଷୀଙ୍କ ମୁଖ୍ୟ ଫସଲ ଠିକ୍ ଅମଳ ପୂର୍ବରୁ ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବାରୁ ଚାଷୀର ମେରୁଦଣ୍ଡ ଭାଙ୍ଗିଯାଇଛି। ଏଭଳି ଏକ ବିପର୍ଯ୍ୟୟ ସମ୍ପର୍କରେ ବିଜ୍ଞାନର ଅଗ୍ରଗତି ସତ୍ତ୍ୱେ ଚାଷୀମାନଙ୍କୁ ପୂର୍ବରୁ ସତର୍କ କରାଇ ନପାରିବା ସରକାରଙ୍କ ବଡ଼ ବିଫଳତା ବୋଲି କୃଷକ ସଂଗଠନଗୁଡ଼ିକ ପକ୍ଷରୁ କୁହାଯାଇଛି। ସରକାର ଚାଷୀ ଓ ଭାଗଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବା ପରିବର୍ତ୍ତେ ଘରୋଇ ବୀମା କମ୍ପାନୀଙ୍କ ଦୟାରେ କ୍ଷତି ଭରଣା ହେବ ବୋଲି ବୟାନ ଦେଇ କଟା ଘାଆରେ ଚୂନ ଦେଇଛନ୍ତି। ରାଜ୍ୟରେ ସମୁଦାୟ ଉତ୍ପାଦନ ମଧ୍ୟରୁ ୬୦ଭାଗ ଫସଲ ଉତ୍ପାଦନ କରୁଥିବା ଭାଗଚାଷୀମାନଙ୍କୁ କୌଣସି କ୍ଷତିପୂରଣ ଦିଆଯାଇ ପାରିବ ନାହିଁ ବୋଲି ସରକାରଙ୍କ ଘୋଷଣା ପରେ ଚାଷୀ ଆତ୍ମହତ୍ୟା ବୃଦ୍ଧି ପାଉଛି ବୋଲି ବିକ୍ଷୋଭକାରୀ ଅଭିଯୋଗ କରିଛନ୍ତି। ଇତିମଧ୍ୟରେ ସମୁଦାୟ ୧୫ଜଣ ଚାଷୀ ଆତ୍ମହତ୍ୟା କରିଛନ୍ତି। ଏଣୁ ଭାଗଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ, ସହାୟତା ଅର୍ଥରୁ ଭାଗଚାଷୀଙ୍କୁ ୭୫% ଏବଂ ଜମି ମାଲିକଙ୍କୁ ୨୫% ପ୍ରଦାନ, ଧାନ କ୍ଷତିପୂରଣ ଏକର ପ୍ରତି ସର୍ବନିମ୍ନ ୨୫ହଜାର ଟଙ୍କା, ପନି-ପରିବା ଏବଂ ଅନ୍ୟାନ୍ୟ ଅର୍ଥକାରୀ ଫସଲ ପାଇଁ ଏକର ପ୍ରତି ସର୍ବନିମ୍ନ ୪୦ହଜାର ଟଙ୍କା, ଜଙ୍ଗଲ ଜମି ପଟ୍ଟା ପାଇଥିବା ଆଦିବାସୀଙ୍କୁ ଫସଲକ୍ଷତି ପାଇଁ କ୍ଷତିପୂରଣ ପ୍ରଦାନ, ଅଦିନିଆ ବର୍ଷାରେ ଫସଲ କ୍ଷତି ପାଇଁ ଆଜିପର୍ଯ୍ୟନ୍ତ ପ୍ରାୟ ୧୫ ଜଣ କୃଷକ ଆତ୍ମହତ୍ୟା କରିଛନ୍ତି କିମ୍ବା ହୃଦଘାତରେ ମୃତ୍ୟୁବରଣ କରିଛନ୍ତି, ସେମାନଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ, ରଣଛାଡ଼, ମଣ୍ଡିରେ ଅରାଜକତା ବନ୍ଦ କରିବା ଚାଷୀ ଓ ଭାଗଚାଷୀଙ୍କ ସମସ୍ତ ଧାନ ସରକାରୀ ବ୍ୟବସ୍ଥାରେ କିଣିବା ପାଇଁ ସାରା ରାଜ୍ୟରେ ବ୍ୟବସ୍ଥିତ ଭାବେ ଆବଶ୍ୟକ ମଣ୍ଡି ତୁରନ୍ତ ଖୋଲିବା, ଢେଙ୍କାନାଳ ଜିଲ୍ଲାରେ ହାତୀ, ମାଙ୍କଡ଼, ବାର୍‌ହାଙ୍କ ଉପଦ୍ରବରୁ ଫସଲକୁ ରକ୍ଷା କରିବା ପାଇଁ ତ୍ୱରିତ ପଦକ୍ଷେପ ନେବା, ଚାଷୀ କ୍ଷତିପୂରଣ ଆବେଦନ କରିବା ପାଇଁ ସହଜ ବ୍ୟବସ୍ଥା ଗ୍ରହଣ କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଉପଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। ବିକ୍ଷୋଭ କାର୍ଯ୍ୟକ୍ରମରେ ସିଆଇଟିୟୁ ତରଫରୁ ସର୍ବଜ୍ଞ ସାହୁ, ରଞ୍ଜନ ନାୟକ, ସମତାକ୍ରାନ୍ତି ଦଳର ସରୋଜ ଶତପଥୀ, ଏଆଇଟିୟୁସିର ରବି ରଥ, ଏଆଇସିସିଟିୟୁର ଶ୍ରୀନିବାସ ସାହୁ, ଓଡ଼ିଶା କୃଷକସଭାର ଶୁଭେନ୍ଦୁ ରାୟ, କୃଷକ କଂଗ୍ରେସର ପ୍ରଫୁଲ୍ଲ ମହାନ୍ତି, ନୀଳାଦ୍ରି ନାୟକ, କଇନ୍ତା ନାୟକ, ଶଶିଧର ନାୟକ, ସମୀର ପାଣି, ଜୟ ସାହାଣୀ, ଜଗବନ୍ଧୁ ନାୟକ, ଶଙ୍କର୍ଷଣ ମହାନ୍ତି ପ୍ରମୁଖ ସାମିଲ ହୋଇଥିଲେ। ସିପିଆଇ(ଏମ୍) ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ବଦ୍ରିନାରାୟଣ ଦାସ ଚାଷୀମାନଙ୍କ ନ୍ୟାଯ୍ୟ ଦାବିଗୁଡ଼ିକୁ ସମର୍ଥନ କରି ଏହି ଆନ୍ଦୋଳନରେ ବକ୍ତବ୍ୟ ରଖିବା ସହ ଡବଲ୍ ଇଞ୍ଜିନ୍ ସରକାରର ମୁଖା ଖୋଲିଦେବା ପାଇଁ ଚାଷୀ ଓ ଭାଗଚାଷୀମାନେ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ।




## ପୁତ୍ରଦା ଏକାଦଶୀ ନୀତି ପାଳିତ

ଢେଙ୍କାନାଳ,୧୦।୧(ସମିସ): ସ୍ଥାନୀୟ କୈବଲ୍ୟ ବଜାରସ୍ଥିତ ସିଦ୍ଧ ବଳରାମଜୀଉଙ୍କ ମନ୍ଦିରରେ ଶୁକ୍ରବାର ପୁତ୍ରଦା ଏକାଦଶୀ ନୀତି ପାଳିତ ହୋଇଛି। ସକାଳୁ ମଙ୍ଗଳ ଆଳତୀ, ମହାସ୍ନାନ, ବସ୍ତ୍ର, ତୁଳସୀ ହାର, ଫୁଲହାର, ପହିଲି ଭୋଗଲାଗି ହୋଇଥିଲା। ବଲ୍ଲଭ ଭୋଗ ଲାଗି, ୧୦ଟା ବେଳେ ଖେଚୁଡ଼ି ଭୋଗ, ମଧ୍ୟାହ୍ନରେ ଅନ୍ନଧୂପ, ସନ୍ଧ୍ୟାରେ ଆଳତୀ, ରାତ୍ରରେ ରାତ୍ରଧୂପ, ଏକାଦଶୀ ବେଢ଼ା ମହାଦୀପ



ମନ୍ଦିର ଉପରକୁ ଉଠିଛି। ପୂଜକ ଶ୍ରୀବତ୍ସ ମିଶ୍ର, ପାଳିଆ ସେବକ ଶମ୍ଭୁନାଥ ମହାପାତ୍ର, ବ୍ରଜମୋହନ ମହାପାତ୍ର, କାହାଳିଆ ଟିକନ ବେହେରା ଓ ଜିମାଦାର ଶ୍ୟାମସୁନ୍ଦର ପାଣିଗ୍ରାହୀଙ୍କ ଉପସ୍ଥିତିରେ ସମସ୍ତ ନୀତି ଅନୁଷ୍ଠିତ ହୋଇଛି।

## ଅଧ୍ୟାପକ ଓ କର୍ମଚାରୀଙ୍କ ଦସ୍ତଖତ ଅଭିଯାନ

ଖଜୁରିଆକଟା,୧୦।୧(ସମିସ): ହିନ୍ଦୋଳ ଉପଖଣ୍ଡ ଖଜୁରିଆକଟାସ୍ଥିତ ହିନ୍ଦୋଳ ମହାବିଦ୍ୟାଳୟରେ ପୂର୍ଣ୍ଣ ଅନୁଦାନ ଦାବିରେ ଅଧ୍ୟାପକ ଓ କର୍ମଚାରୀମାନଙ୍କ ଦସ୍ତଖତ ଅଭିଯାନ ଆରମ୍ଭ ହୋଇଛି। ୨୦୦୮ରୁ ୨୦୧୮ ପର୍ଯ୍ୟନ୍ତ କାର୍ଯ୍ୟରତ ଅଣ-ଅନୁଦାନପ୍ରାପ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ମହାବିଦ୍ୟାଳୟ ପରିଚାଳନା କମିଟିଠାରୁ ସ୍ୱଳ୍ପ ବେତନ ପାଇ କଲେଜର ସମସ୍ତ କାର୍ଯ୍ୟ ସହ ସରକାରଙ୍କ ନିର୍ବାଚନ କାର୍ଯ୍ୟ ଓ ଅନ୍ୟାନ୍ୟ କାର୍ଯ୍ୟକୁ ସୁଚାରୁରୂପେ ସମ୍ପାଦନ କରି ଆସୁଛନ୍ତି। ସମାନ କାମକୁ ସମାନ ବେତନ ଏବଂ ପୂର୍ଣ୍ଣ ଅନୁଦାନ ଦାବିନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘ ପକ୍ଷରୁ ସ୍ଥାନୀୟ ବୁଦ୍ଧିଜୀବୀ ଓ ସଚେତନ ନାଗରିକଙ୍କଠାରୁ ଦସ୍ତଖତ ସଂଗ୍ରହ ଚାଲୁରହିଛି। ରାଜ୍ୟ ସଭାପତି ବିଶ୍ୱରଞ୍ଜନ ଦାସଙ୍କ ନିର୍ଦ୍ଦେଶ କ୍ରମେ ଅନୁଦାନରୁ ବଞ୍ଚିତ ମହାବିଦ୍ୟାଳୟର ଅଧ୍ୟାପକ କୃପାସିନ୍ଧୁ ବେହେରା, ବ୍ରଜକିଶୋର ବେହେରା, ସୁବ୍ରତ ସ୍ମୃତିରଞ୍ଜନ ମିଶ୍ର, ଲାଇବ୍ରେରିଆନ ପବିତ୍ର ମୋହନ ବେହେରା, କର୍ମଚାରୀ ଚନ୍ଦ୍ରକାନ୍ତ ସାହୁ, ପ୍ରୀତମ କୁମାର ଜେନାମଣି, ସହାୟକ ଜିନୁ ବିଶ୍ୱାଳ, ସତ୍ୟଭାମା ସାହୁ, କାବେରୀ ବିଶ୍ୱାଳ, ଜିତେନ୍ଦ୍ର ବିଶ୍ୱାଳ, ଅକ୍ଷୟ କୁମାର ନାଏକ ଓ ଟୁନା ଗୋଛାୟତ ପ୍ରମୁଖ ଦସ୍ତଖତ ଅଭିଯାନରେ ସାମିଲ ହୋଇଥିଲେ।

## ବ୍ରାଇଟ୍ ଷ୍ଟାର୍ ସଂଗଠନର ସାଧାରଣ ବୈଠକ

ଢେଙ୍କାନାଳ,୧୦।୧(ସମିସ): ସ୍ଥାନୀୟ ବ୍ରଜନାଥ ବଡ଼ଜେନା ହାଇସ୍କୁଲ ୧୯୭୧ ବ୍ୟାଚ ଛାତ୍ରଛାତ୍ରୀଙ୍କୁ ନେଇ ଗଠିତ ବ୍ରାଇଟ ଷ୍ଟାର ସଂଗଠନର ସାଧାରଣ ବୈଠକ ଅନୁଷ୍ଠିତ ହୋଇଛି। ଜି ଭାସ୍କର ରାଓ, ପ୍ରଫୁଲ୍ଲ ସାହୁ ଓ ଶଙ୍କର ଲାଲ ଖେମକାଙ୍କ ଉଦ୍ୟମରେ ଆୟୋଜିତ ଏହି ବୈଠକରେ ପରିବେଶ ସୁରକ୍ଷା, ସାମାଜିକ ଉନ୍ନୟନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଥିଲା। ସଙ୍ଗୀତ ଗୁରୁ ଦେବେନ୍ଦ୍ର ଶତପଥୀ, ସଙ୍ଗୀତ ସାଧିକା କୃଷ୍ଣା ଶତପଥୀ, କଣ୍ଠଶିଳ୍ପୀ ଜୟା ପ୍ରମୁଖ ସୁଲଳିତ କଣ୍ଠରେ ମନଛୁଆଁ ସଙ୍ଗୀତ ପରିବେଷଣ କରିଥିଲେ। ଶିଳ୍ପୀ ପରେଶ ଚନ୍ଦ୍ର ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଉପସ୍ଥିତ ସଦସ୍ୟମାନେ ଭାବ ଆଦାନ ପ୍ରଦାନ ପୂର୍ବକ ବିଦ୍ୟାଳୟ ଜୀବନର ଅଭୁଲା ସ୍ମୃତି ରୋମନ୍ଥନ କରିଥିଲେ। ବୈଠକ ପ୍ରାରମ୍ଭରେ ଦିବଂଗତ ସଦସ୍ୟମାନଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯାଇଥିଲା। ବୈଠକରେ ୫୦ ସଦସ୍ୟ ଯୋଗଦେଇଥିଲେ। ପରବର୍ତ୍ତୀ ବୈଠକ ଭୁବନେଶ୍ୱରରେ ହେବ ବୋଲି ସ୍ଥିର ହୋଇଛି। ରୋଟାରିଆନ ତଥା ସମାଜସେବୀ ରେଖା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## କବିତା ପାଠୋତ୍ସବ ଅନୁଷ୍ଠିତ

ଢେଙ୍କାନାଳ,୧୦।୧(ସମିସ): ସ୍ଥାନୀୟ ଦଧିବାମନଜୀଉ ମଠ ପରିସରରେ କବିଭୂଷଣ ସ୍ମୃତି ସଂସଦ ଏବଂ ବିଭାବନା ପତ୍ରିକା ତରଫରୁ ନୂତନ ବର୍ଷ ଅବସରରେ ଶୀତରେ ଶୀତରେ ମନୋରଞ୍ଜନ ସମ୍ପର୍କିତ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଛି। କବି ନିର୍ମଳା ମହାପାତ୍ର ଓ କାଦମ୍ବରୀ ମହାକୁଡ଼ଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ବିଭାବନାର ସମ୍ପାଦକ ସ୍ୱଗତ ମନୋରଞ୍ଜନ ନନ୍ଦଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ତାଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ଅତିଥି ଭାବରେ କବି ଲୋକନାଥ ମହାପାତ୍ର, ଅଟଳ ବିହାରୀ ଦାସ, ଉମେଶ ଚନ୍ଦ୍ର ଦାଶ ଯୋଗଦେଇଥିଲେ। ପଣ୍ଡିତ ମନୋରଞ୍ଜନ ନନ୍ଦଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଅତିଥିମାନେ ବକ୍ତବ୍ୟ ରଖିଥିଲେ। ସଂସଦର କାର୍ଯ୍ୟକାରୀ ସଭାପତି ଡ. ସମୀର କୁମାର ସାହୁ ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ ସମ୍ପାଦକ ଶିଳ୍ପୀ ପରେଶ କୁମାର ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କବି କବିତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ମୟୂର ଅନୁଷ୍ଠାନର ସମ୍ପାଦକ ବନମାଳୀ ମଲ୍ଲିକ ସଙ୍ଗୀତ ପରିବେଷଣ କରିଥିବା ରାଜ୍ୟ ସମ୍ପାଦକ ମାନସ କୁମାର ନନ୍ଦ ଜଣାଇଛନ୍ତି।

## ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ଭୁବନ,୧୦।୧(ସମିସ): ଭୁବନ ବ୍ଲକ ବିନାୟକ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ୧୧ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦଘାଟିତ ହୋଇଛି। ଛାତ୍ରଛାତ୍ରୀମାନେ ରାମମନ୍ଦିରରେ ପୂଜାର୍ଚ୍ଚନା କରି ମଶାଲ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ବିଦ୍ୟାଳୟର ସମ୍ପାଦକ ସମୀର କୁମାର ସାହୁ କାଳୀବଜାରସ୍ଥିତ ବାଜି ରାଉତଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପ୍ରଧାନଶିକ୍ଷକ କାମାକ୍ଷା ପ୍ରସାଦ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଭୁବନ ବିଡିଓ ଆୟୁଷୀ ମହାପାତ୍ର, ସମ୍ମାନିତ ଅତିଥି ଭାବେ ଭୁବନ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ସାଗର ରାଉତ ଏବଂ ବିଦ୍ୟାଳୟ ପରିଚାଳନା କମିଟିର ପୂର୍ବତନ ସମ୍ପାଦକ ହରିହର ମିଶ୍ର ଯୋଗଦେଇ ପିଲାମାନଙ୍କୁ କ୍ରୀଡ଼ାର ଗୁରୁତ୍ୱ ବିଷୟରେ ଅବଗତ କରିଥିଲେ।

## ମୃତ୍ତିକା ସଂରକ୍ଷଣ କର୍ମଚାରୀ ସଂଘର ନୂତନ କାର୍ଯ୍ୟକର୍ତ୍ତା

ଢେଙ୍କାନାଳ,୧୦।୧(ସମିସ): ଅବସରପ୍ରାପ୍ତ ମୃତ୍ତିକା ସଂରକ୍ଷଣ କର୍ମଚାରୀ ସଂଘର ଦ୍ୱାଦଶ ସାଧାରଣ ଅଧିବେଶନ ସ୍ଥାନୀୟ ଗୁଡ଼ିଆନାଳୀସ୍ଥିତ ସଂଘର ସ୍ଥାୟୀ ସଭାଗୃହରେ ଅନୁଷ୍ଠିତ ହୋଇଛି। ସଂଘର ସ୍ଥାୟୀ ସଭାପତି ଅନ୍ତର୍ଯ୍ୟାମୀ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ଉତ୍ତମ କୁମାର ପାତ୍ର ଓ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରକଳ୍ପ ମୁଖ୍ୟ ରାମଚନ୍ଦ୍ର ଦାଶ ଯୋଗଦେଇଥିଲେ। ସଂଘର ନୂତନ ସଭାପତି ଭାବେ ରମେଶ ଚନ୍ଦ୍ର ଦେହୁରୀ, ସମ୍ପାଦକ ଅନ୍ତର୍ଯ୍ୟାମୀ ବେହେରା, ସହ-ସମ୍ପାଦକ ସୁରେଶ ଚନ୍ଦ୍ର ସାହୁ, ଉପସଭାପତି ହେମନ୍ତ କୁମାର ପଟ୍ଟନାୟକ ଓ କୋଷାଧ୍ୟକ୍ଷ ଭାବେ ପ୍ରମୋଦ କୁମାର ଦାସଙ୍କୁ ଚୟନ କରାଯାଇଛି। ବିନୋଦ କୁମାର ମିଶ୍ର ମଞ୍ଚ ପରିଚାଳନା ଓ ସଂଘର ଆୟବ୍ୟୟ ହିସାବ ପ୍ରଦାନ କରିଥିଲେ। ସଂଘର କେତେକ ଦାବି ସରକାରଙ୍କ ନିକଟରେ ଉପସ୍ଥାପନ କରିବା ପାଇଁ ଆଲୋଚନା ହୋଇଥିଲା। ଅବସରପ୍ରାପ୍ତ କର୍ମଚାରୀଙ୍କୁ ବାର୍ଷିକ ଚିକିତ୍ସା ଭତ୍ତା ପ୍ରଦାନ, ବିଏସ୍‌କେୱାଇ କାର୍ଡ ପ୍ରଦାନ ଆଦି ଦାବି ସମ୍ପର୍କରେ ଆଲୋଚନା ହୋଇଥିଲା। ବୈଠକରେ ୫୦ରୁ ଊର୍ଦ୍ଧ୍ୱ ସଦସ୍ୟ ଯୋଗଦେଇଥିଲେ।



### ସର୍ବଭାରତୀୟ ସୁବାସ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ଫାଇନାଲରେ ଛତିଶଗଡ଼ ଫରେଷ୍ଟ

ହିନ୍ଦୋଳ/ଖଜୁରିଆକଟା,୧୦।୧(ସମିସ): ହିନ୍ଦୋଳ ବ୍ଲକ ବେଢ଼ାପଡ଼ା ମିନି ଷ୍ଟାଡିୟମରେ ଚାଲିଥିବା ୧୪ତମ ସର୍ବଭାରତୀୟ ସୁବାସ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଛତିଶଗଡ଼ ଫରେଷ୍ଟ ଏବଂ ଭୁବନେଶ୍ୱର ସାଇ ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଛି। ଛତିଶଗଡ଼ ଫରେଷ୍ଟ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ଭୁବନେଶ୍ୱର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨ ୦ଓଭରରେ ୯ ୱିକେଟ ହରାଇ ୧୬୯ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଶୁଭମ ଶତ୍ରୁଜିତ ସର୍ବାଧିକ ୪୩ ରନ କରିଥିଲେ। ଜବାବରେ ଛତିଶଗଡ଼ ଦଳ ୨୦ତମ ଓଭରର ଶେଷ ବଲରେ ଚୌକା ମାରି ଉତ୍କଣ୍ଠାପୂର୍ଣ୍ଣ ଏହି ମ୍ୟାଚକୁ ଜିତି



ନେଇଥିଲା। ଛତିଶଗଡ଼ର ଅଭିଜିତ୍ ସିଂ ସର୍ବାଧିକ ଅପରାଜିତ ୬୩ ରନ କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ସୋମନାଥ ସେଠୀ ଏବଂ ତ୍ରିନାଥ ସାମନ୍ତ ମ୍ୟାଚ ପରିଚାଳନା କରିଥିବା ବେଳେ ପ୍ରଶାନ୍ତ ଦାସ ମ୍ୟାଚ ରେଫରୀ ଦାୟିତ୍ୱ ତୁଲାଇଥିଲେ। ସନ୍ଦିପ ପଣ୍ଡା ଧାରାବିବରଣୀ ପ୍ରଦାନ କରିଥିବା ବେଳେ ଅଜିତ ସାମଲ, ରାକେଶ ସାମଲ, ବାଦଲ ସାମଲ ଡିଜିଟାଲ ସ୍କୋରର ଦାୟିତ୍ୱ ନିର୍ବାହ କରିଥିଲେ। ତପନ ପରିଡ଼ା, ବିକାଶ ସାମଲ, ଅଜିତ ସାମଲଙ୍କ ସହ ମା' ଅନ୍ଧାରୀ କ୍ରିକେଟ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ରବିବାର କଟକ ରାଇଜିଂ ଷ୍ଟୁଡେଣ୍ଟ ଏବଂ ଛତିଶଗଡ଼ ଫରେଷ୍ଟ ମଧ୍ୟରେ ଫାଇନାଲ ମ୍ୟାଚ ଖେଳାଯିବ।

ଏସବିଆଇ ଏଟିଏମରୁ ୮ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଲୁଟ୍ ଘଟଣା

# ୪ ଆନ୍ତଃରାଜ୍ୟ ଲୁଟେରା ଗିରଫ

ଢେଙ୍କାନାଳ, ୧୦।୧(ସମିସ):

ଢେଙ୍କାନାଳ ସଦରଥାନା ଅନ୍ତର୍ଗତ ପଞ୍ଚୁପଟିସ୍ଥିତ ଷ୍ଟେଟ ବ୍ୟାଙ୍କ ଏଟିଏମରୁ ଲୁଟ୍ ଘଟଣାରେ ପୁଲିସ ୪ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ପୁଲିସ ଏକ ଟିପ୍ପର ଓ କାର ଜବତ କରିଛି। ଲୁଟ୍ ଘଟଣାର ମାତ୍ର ୨୪ ଘଣ୍ଟା ମଧ୍ୟରେ ଏହି ଆନ୍ତଃରାଜ୍ୟ ଲୁଟେରାଙ୍କୁ କାବୁ କରିବାରେ ପୁଲିସ ସଫଳ ହୋଇଛି। ଗିରଫ

● ଟଙ୍କା ସହ କାର, ଟିପ୍ପର ଜବତ

ଅଭିଯୁକ୍ତମାନେ ହେଲେ ହରିୟାନା ନୁହୁ ଜିଲ୍ଲା ପିନାଗାଁ ଥାନା ରିହାତ ଗ୍ରାମର ରଫିକ ଖାନ ଓରଫ ଧୁସା (୩୫), ନୁହୁ ସଦରଥାନା ପାଲଡି ଗ୍ରାମର ସଦ୍ଦାମ ମଜିଦ ହୁସେନ ଓରଫ ନେଡୁ (୩୨), ରାଜସ୍ଥାନ ଆଲୱାର ଜିଲ୍ଲା ରାମଗଡ଼ ଥାନା ଆଲୱାଡ଼ାର ମହମ୍ମଦ ଅସଲମ ଓରଫ ଅସଲମ (୩୫)ଓ କାରୋଲି ଜାଗିର ଗ୍ରାମର ମହମ୍ମଦ ନାସିର ଓରଫ ଜଗମଲ (୪୫)। ଏମାନଙ୍କଠାରୁ ପୁଲିସ ଲୁଟ୍ ହୋଇଥିବା ଟଙ୍କା, ଗୋଟିଏ କାର୍ ଓ ଗୋଟିଏ ଟିପ୍ପର ଗାଡ଼ି ଜବତ କରିଛି।



ବୁଧବାର ରାତି ପ୍ରାୟ ୨ଟା ୪୦ରୁ ୩ଟା ମଧ୍ୟରେ ଦୁର୍ବୃତ୍ତମାନେ ଏକ କାର ଏବଂ ଟିପ୍ପରରେ ଆସି ୫୫ନଂ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ପଞ୍ଚୁପଟି ଭାରତ ପେଟ୍ରୋଲିୟମ ପେଟ୍ରୋଲ ପମ୍ପ ପରିସର ଏସବିଆଇ ଏଟିଏମକୁ ଗ୍ୟାସ କଟରରେ କାଟି ଟଙ୍କା ଲୁଟ୍ କରିଥିଲେ। ଏହି ଘଟଣା ସମ୍ପର୍କରେ ଏଟିଏମକୁ ନିୟନ୍ତ୍ରଣ କରୁଥିବା ହାଇଦରାବାଦ ମୁଖ୍ୟ କାର୍ଯ୍ୟାଳୟ ପକ୍ଷରୁ ଏସପି ଅଭିନବ ସୋନକରଙ୍କୁ ଅବଗତ କରାଯିବା ପରେ ଲୁଟେରାଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ପୁଲିସକୁ ସଜାଗ କରାଯାଇଥିଲା। ଏକ କାର୍‌କୁ ମୋଟଙ୍ଗା ଥାନା ଗୁଡ଼ିଆକାଟେଣୀ ନିକଟରେ ପୁଲିସ ଅଟକାଇଥିଲା। ସେଥିରେ ଥିବା ଦୁଇ ଦୁର୍ବୃତ୍ତଙ୍କୁ ପୁଲିସ କାବୁ କରିଥିଲା। ଲୁଟ୍ ଟଙ୍କାକୁ ଅନ୍ୟ ଏକ ଗାଡ଼ିରେ ଚାଲାଣ କରାଯାଉଥିବା ବେଳେ ପୁଲିସ ୨ଟି ଟିମ ଗଠନ କରି ଚଢ଼ାଉ ଜାରି ରଖିଥିଲା। ଏହି ସମୟରେ ଯାଉଥିବା ଏକ ଟିପ୍ପରକୁ ଅଟକାଇ ପୁଲିସ ଯାଞ୍ଚ କରିଥିଲା। ସେଥିରେ ଥିବା ଅନ୍ୟ ଦୁଇ ଅଭିଯୁକ୍ତଙ୍କ ଗିରଫ କରାଯିବା ସହ ୮ ଲକ୍ଷ ୨୭ ହଜାର ୫୬୬ଶହ ଟଙ୍କା ଜବତ କରାଯାଥିଲା।

ଦୁର୍ବୃତ୍ତଙ୍କଠାରୁ ପୁଲିସ ୬ଟି ମୋବାଇଲ ଫୋନ, ୬ଟି ଫେକ ସିମ, ଗ୍ୟାସ ବର୍ଣ୍ଣର, ଆଧାର, ପ୍ୟାନକାର୍ଡ, ଡିଏଲ, ଏଟିଏମ କାର୍ଡ, ସ୍କ୍ରୁ ଡାଇଭର, ସ୍ପ୍ରେ, ନକଲି ଗାଡ଼ି ନମ୍ବର, ଭଙ୍ଗା ତାଲା ଆଦି ମଧ୍ୟ ଜବତ କରାଯାଇଛି। ଦୁର୍ବୃତ୍ତଙ୍କ ନାମରେ ସମ୍ବଲପୁର ଅଇଁଠାପାଲି ଥାନାରେ ୨ଟି, ଠେଲକୋଲି ଥାନାରେ ଗୋଟିଏ, କେନ୍ଦୁଝର ଜିଲ୍ଲା ଯୋଡ଼ା ଥାନାରେ ଗୋଟିଏ, ଘସିପୁରା ଥାନରେ ଦୁଇଟି, ଢେଙ୍କାନାଳ ଜିଲ୍ଲା ମୋଟଙ୍ଗା ଥାନାରେ ଗୋଟିଏ, ସଦର ଥାନାରେ ଗୋଟିଏ ଓ ଡୁମୁସିଙ୍ଗା ଥାନାରେ ଗୋଟିଏ ମାମଲା ରହିଛି। ଏସପି ସୋନକର ଶୁକ୍ରବାର ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ପ୍ରଦାନ କରିଛନ୍ତି।

● କୋରମ ଅଭାବରୁ ରଦ୍ଦ ହେଲା ଅନାସ୍ଥା

# ଅଧ୍ୟକ୍ଷା ପଦ ବଜାୟ ରଖିଲେ ଚାରୁଲତା

ଢେଙ୍କାନାଳ, ୧୦।୧(ସମିସ): ଢେଙ୍କାନାଳ ଜିଲ୍ଲା କଙ୍କଡାହାଡ଼ ବ୍ଲକ ଅଧ୍ୟକ୍ଷାଙ୍କ ନାମରେ ଆସିଥିବା ଅନାସ୍ଥା ଶୁକ୍ରବାର କୋରମ ଅଭାବରୁ ରଦ୍ଦ ହୋଇଛି। ପଦ ବଜାୟ ରଖିବାରେ ସମର୍ଥ ହୋଇଛନ୍ତି ବିଜେଡି ସମର୍ଥିତ ବ୍ଲକ ଅଧ୍ୟକ୍ଷା ଚାରୁଲତା ମିଶ୍ର। କିଛିମାସ ତଳେ ବ୍ଲକ ଅଧ୍ୟକ୍ଷା ମିଶ୍ରଙ୍କ ନାମରେ ବ୍ଲକର କେତେଜଣ ସରପଞ୍ଚ ଓ ସମିତିସଭ୍ୟ କାମାକ୍ଷାନଗର ଉପଜିଲ୍ଲାପାଳଙ୍କ ନିକଟରେ ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ। ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ କଙ୍କଡାହାଡ଼ ବ୍ଲକ କାର୍ଯ୍ୟାଳୟରେ ଶୁକ୍ରବାର ଅନାସ୍ଥା ଭୋଟ ପାଇଁ ଧାର୍ଯ୍ୟ କରାଯାଇଥିଲା।



କିନ୍ତୁ ମାତ୍ର ଜଣଙ୍କୁ ଛାଡ଼ି ଆଉ କୌଣସି ସରପଞ୍ଚ, ସମିତିସଭ୍ୟ ଭୋଟ ଦେବାକୁ ଆସି ନ ଥିଲେ। ନିର୍ଦ୍ଧାରିତ ସମୟପରେ ନିର୍ବାଚନ ଦାୟିତ୍ୱରେ ଥିବା କଙ୍କଡ଼ାହାଡ଼ ତହସିଲଦାର ସୌଦାମିନୀ ନାୟକ କୋରମ ଅଭାବରୁ ଅନାସ୍ଥା ରଦ୍ଦ ହେଲା ବୋଲି ଘୋଷଣା କରିଥିଲେ। କଙ୍କଡ଼ାହାଡ଼ ବ୍ଲକ ପରଜଙ୍ଗ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ହୋଇଥିବା ବେଳେ ବର୍ତ୍ତମାନ ଏଠାରେ ବିଜେପି ବିଧାୟକ ନିର୍ବାଚିତ ହୋଇଛନ୍ତି। ବିଧାୟକ ବିଭୂତି ଭୂଷଣ ପ୍ରଧାନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମ୍ପର୍କୀୟ ଭାଇ ଅଟନ୍ତି। ପୂର୍ବରୁ ଧର୍ମେନ୍ଦ୍ର ଏହି ଅଞ୍ଚଳରୁ ନିର୍ବାଚିତ ହୋଇଥିବା ବେଳେ ଏହି ଅନାସ୍ଥା ରଦ୍ଦ ହେବା ବିଜେପିକୁ ବଡ଼ ଝଟକା ବୋଲି ଆଲୋଚନା ହେଉଛି।

## ହାତୀ ଆକ୍ରମଣରେ ଯୁବକ ଗୁରୁତର

ଭୁବନ, ୧୦।୧(ସମିସ): ଭୁବନ ବ୍ଲକ ମୁରୁଗା ଗ୍ରାମରେ ହାତୀ ଆକ୍ରମଣରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ମୁରୁଗା ଗ୍ରାମର ଭମ୍ବର ବେହେରା (୪୦)। ଶୁକ୍ରବାର ଭୋର ସମୟରେ ଭମ୍ବର ବାପାଙ୍କ ସହ ନିଜ ଧାନହଳା ଆଣିବାକୁ ଯାଇଥିବା ସମୟରେ ହାତୀ ହାବୁଡ଼ରେ ପଡ଼ିଥିଲେ। ଘନ କୁହୁଡ଼ି ଯୋଗୁଁ ସେ ହାତୀକୁ ଦେଖିପାରି ନ ଥିଲେ। ହାତୀ ଶୁଣ୍ଢରେ ଭମ୍ବରଙ୍କୁ ଟେକି ଫିଙ୍ଗି ଦେଇଥିଲା। ଖବରପାଇ ଭୁବନ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଭମ୍ବରଙ୍କୁ ଉଦ୍ଧାର କରି ପ୍ରଥମେ ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି। ବନ ବିଭାଗ ପକ୍ଷରୁ ତାଙ୍କୁ ୫ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ପରବର୍ତ୍ତୀ ସମୟରେ ୧ ଲକ୍ଷ ୫୦ ହଜାର ଟଙ୍କା ପ୍ରଦାନ କରାଯିବ ଏବଂ ସରକାରଙ୍କ ତରଫରୁ ଚିକିତ୍ସା ଖର୍ଚ୍ଚ ବହନ କରାଯିବ ବୋଲି ସୂଚନା ଦେଇଛନ୍ତି। କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଭମ୍ବରଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ଯୋରନ୍ଦା ଅଞ୍ଚଳରୁ ବ୍ରାହ୍ମଣୀ ନଦୀ ପାର ହୋଇ ଏକ ୫୭ଟିକିଆ ହାତୀପଲ ଭୁବନ ଅଞ୍ଚଳକୁ ଆସି ଉପଦ୍ରବ କରୁଛନ୍ତି। ଭୁବନ ବନ ବିଭାଗ ତରଫରୁ ହାତୀଙ୍କ ଗତିବିଧି ଉପରେ ନଜର ରଖାଯିବା ସହ ସେମାନଙ୍କୁ ଘଉଡ଼ାଇବା ପାଇଁ ଉଦ୍ୟମ ଜାରି ରହିଛି।

## ହାତୀ ଆକ୍ରମଣରେ ବୃଦ୍ଧ ମୃତ

ଅନୁଗୋଳ, ୧୦।୧(ସମିସ): ଅନୁଗୋଳ ଜିଲ୍ଲା ବନ୍ତଲା ଥାନା ପୁରୁଣାଗଡ଼ ମାଟିଆସାହି ପଞ୍ଚାୟତ କନ୍ଧସାହି ଗ୍ରାମର କୃଷ୍ଣ ବେହେରା (୬୫)ଙ୍କର ହାତୀ ଆକ୍ରମଣରେ ମୃତ୍ୟୁ ହୋଇଛି। ଗୁରୁବାର ସେ ଛେଳି ଚରାଇବାକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ଶୁକ୍ରବାର ସକାଳେ ପରିବାର ଲୋକେ ଖୋଜିବାକୁ ଯାଇ ନିକଟସ୍ଥ କଳାପାଟ ପାହାଡ଼ ତଳ ଜଙ୍ଗଲରେ ତାଙ୍କ ମୃତଦେହ ଠାବ କରିଥିଲେ। ହାତୀ ଆକ୍ରମଣରେ ତାଙ୍କ ମୃତ୍ୟୁ ହୋଇଥିବାର ପାରିପାର୍ଶ୍ୱିକ ସ୍ଥିତିରୁ ଜଣାପଡ଼ୁଛି। ୧୦ ଦିନ ପୂର୍ବରୁ ନିକଟସ୍ଥ ପୋକୁଣ୍ଡା ଗ୍ରାମରେ ଶିକାରୀ ଗୁଳିରେ ଏକ ଦନ୍ତାହାତୀର ମୃତ୍ୟୁ ହୋଇଥିଲା। ଏହି ଅଞ୍ଚଳରେ ପାଖାପାଖି ୭୦ଟି ହାତୀ ଗତ ୫ ଦିନ ଧରି ରହି ବ୍ୟାପକ କ୍ଷୟକ୍ଷତି କରିଥିଲେ।

## ଡକାୟତି ଯୋଜନା ଭଣ୍ଡୁର କଲା ପାଟ୍ରୋଲିଂ ଟିମ୍




ଅନୁଗୋଳ, ୧୦।୧(ସମିସ): ଜିଲ୍ଲାରେ ବଢୁଥିବା ଅପରାଧିକ କାର୍ଯ୍ୟକଳାପରେ ରୋକ୍ ଲଗାଇବା ପାଇଁ ଏସପି ରାହୁଲ ଜୈନଙ୍କ ନିର୍ଦ୍ଦେଶରେ ଅନୁଗୋଳ ଜିଲ୍ଲା ପୁଲିସର ଜିରୋ ଟୋଲରାନ୍ସ ଆଭିମୁଖ୍ୟରେ ଅପରାଧୀ ପ୍ରମାଦ ଗଣୁଛନ୍ତି। ଅନୁଗୋଳ ଟାଉନ ଥାନା ପୁଲିସର ରାତି ପାଟ୍ରୋଲିଂ ସମୟରେ ସହର ମଧ୍ୟରୁ ଏକ ଡକାୟତ ଦଳ ପୁଲିସ ପଞ୍ଝାରେ ଲାଗିଛି। ଡକାୟତ ଦଳର ମୁଖ୍ୟ କାର୍ପଟଦାର ଖସିଯାଇଥିଲେ ବି ୪ ସହଯୋଗୀଙ୍କୁ ପୁଲିସ ଗିରଫ କରିବାରେ ସକ୍ଷମ ହୋଇଛି।

● ଦୁଗ୍ଧ ବିତରକଙ୍କୁ କରିଥିଲେ ଟାର୍ଗେଟ
● ୪ ଗିରଫ, ମାଷ୍ଟରମାଇଣ୍ଡ ଖସିଗଲା

ଦୁର୍ବୃତ୍ତମାନେ ନିର୍ଦ୍ଦିଷ୍ଟ ବ୍ୟବସାୟୀ ଓମଫେଡ ବିତରକଙ୍କଠାରୁ ଲୁଟପାଟ କରିବାକୁ ଗୁରୁବାର ବିଳମ୍ବିତ ରାତିରେ ଯୋଜନା କରୁଥିବା ବେଳେ ପୁଲିସ ତାହାକୁ ଭଣ୍ଡୁର କରିଦେଦେଇଛି। ଗିରଫ ଅଭିଯୁକ୍ତମାନେ ହେଲେ କଟକ ମଧୁପାଟଣା ଥାନା ଲିଙ୍କ୍‌ରୋଡ୍ ଶ୍ରୀନଗର ଗଳିର ଅମର ସିଂ (୨୫), ଏବଂ ମଙ୍ଗଳାବାଗ ଥାନା ଅଞ୍ଚଳର ଶଶିକାନ୍ତ ବେହେରା (୨୨), ଜଗତସିଂହପୁର ଜିଲ୍ଲା ବାଲିକୁଦାର ଦୀପ୍ତିରଞ୍ଜନ ସାହୁ (୩୪) ଏବଂ ପୁରୀ ଜିଲ୍ଲାର ଚନ୍ଦନପୁରର ଆଶୁତୋଷ ମହାପାତ୍ର (୨୧)। ସମସ୍ତଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। ଫେରାର ହୋଇଯାଇଥିବା ଦୁର୍ବୃତ୍ତ ଜଣକ ଦେଙ୍କାନାଳ ଜିଲ୍ଲା ମୋଟଙ୍ଗା ଥାନା ଅଞ୍ଚଳର ନିରୋଦ ଗଡ୍ନାଏକ।

ଅନୁଗୋଳ ସହର ମଦନମୋହନପଡ଼ାସ୍ଥିତ ମଦନମୋହନ ମନ୍ଦିର ସମ୍ମୁଖ ଏକ ଗଛ ପିଣ୍ଡିରେ ୫ ଜଣ ବ୍ୟକ୍ତି ରାତିରେ ବସିଥିଲେ। ପୁଲିସ ଗାଡ଼ି ଦେଖି ସେମାନେ ଦୌଡ଼ି ପଳାଇଥିଲେ। ପୁଲିସ ସେମାନଙ୍କୁ ପିଛା କରି ୪ ଜଣଙ୍କୁ ଧରିବାରେ ସଫଳ ହୋଇଥିଲା। ସେମାନଙ୍କଠାରୁ ଦୁଇଟି ବାଇକ, ମୋବାଇଲ ଫୋନ, ଲୁହା ଚାପଡ଼, ମାରଣାସ୍ତ୍ର, ଦୁଇଟି ହାତବୋମା, ଲଙ୍କାଗୁଣ୍ଡ ପ୍ୟାକେଟ, ୨ ମଦ ବୋତଲ ପୁଲିସ ଜବତ କରିଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ କରାଯାଇଛି। ଅଧିକ ତଦନ୍ତ ପାଇଁ ଅଭିଯୁକ୍ତମାନଙ୍କୁ ପୁଲିସ ରିମାଣ୍ଡରେ ଆଣିବାକୁ ଆବେଦନ କରିଛି।

● ଘଣ୍ଟପଡ଼ା ତ୍ରିନାଥ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

## ଉଦଘାଟନୀ ମ୍ୟାଚ୍‌ରେ କୁକୁଡ଼ାଙ୍ଗ ବିଜୟୀ



ତାଳଚେର, ୧୦।୧(ସମିସ): ତାଳଚେର ବ୍ଲକ ଘଣ୍ଟପଡ଼ା ଗ୍ରାମ ତ୍ରିନାଥ ମନ୍ଦିର ନିକଟ ପଡ଼ିଆରେ ଟାଇଗର ବଏଜ୍ ପକ୍ଷରୁ ପ୍ରଥମ ତ୍ରିନାଥ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ସମାଜସେବୀ କ୍ଷୀରୋଦ ସାହୁ, ସମ୍ମାନିତ ଅତିଥି ଭାବେ ପୂର୍ବତନ ସରପଞ୍ଚ ମନୋଜ କୁମାର ବେହେରା, ରଞ୍ଜନ ବେହେରା, ସୁବାସ ଚନ୍ଦ୍ର ପ୍ରଧାନ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ଉଦଘାଟନୀ ମ୍ୟାଚ୍ କୁକୁଡ଼ାଙ୍ଗ ଓ ହେଁସମୂଳ ଦଳ ମଧ୍ୟରେ ଖେଳ ଖେଳାଯାଇଥିଲା। କୁକୁଡ଼ାଙ୍ଗ ଦଳ ବିଜୟୀ ହୋଇଛି। କୁକୁଡ଼ାଙ୍ଗ ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୧୪୩ ରନ୍ କରିଥିଲା। ହେଁସମୂଳ ଦଳ ମାତ୍ର ୮୦ ରନ୍ କରିବାକୁ ସକ୍ଷମ ହୋଇଥିଲା। ଅମ୍ପାୟର ଭାବେ ସିଙ୍ଗଲ ଦାସ ଓ ଚିନୁ ସାହୁ ମ୍ୟାଚ୍ ପରିଚାଳନା କରିଥିଲେ। ସ୍କୋରର ଭାବେ ଗୌତମ ପ୍ରଧାନ, ବାଦଲ ସାହୁ, ଜିତୁ ସାହୁ ଦାୟିତ୍ୱ ତୁଲାଇଥିଲେ। ଟିକନ ମାଷ୍ଟ୍ରେ ଧାରା ବିବରଣୀ ପ୍ରଦାନ କରିଥିଲେ। ଆସନ୍ତା ୧୯ ତାରିଖ ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ମ୍ୟାଚ୍ ଖେଳାଯିବ ବୋଲି ଆୟୋଜକ ସୂଚନା ଦେଇଛନ୍ତି।

## ଜନସେବା କେନ୍ଦ୍ର ମାଲିକଙ୍କୁ ହାଣି ୪୯ ହଜାର ଲୁଟ୍

ଛେଣ୍ଡିପଦା, ୧୦।୧(ସମିସ): ଜନସେବା କେନ୍ଦ୍ରର ମାଲିକଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରିବା ପରେ କଟୁରିରେ ହାଣି ଦୁର୍ବୃତ୍ତମାନେ ୪୯ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ଥାନା କମ୍ପସଲା ଜନସେବା କେନ୍ଦ୍ରର ମାଲିକ ଲୁଟ୍‌ର ଶିକାର ହୋଇଛନ୍ତି। ଶୁକ୍ରବାର ଅପରାହ୍ନରେ କମ୍ପସଲା ଜଙ୍ଗଲ ମୌଜାର ଜିତେନ୍ଦ୍ର ସାହୁ ନିଜ ଜନସେବା କେନ୍ଦ୍ର ବନ୍ଦ କରି ଘରକୁ ଫେରୁଥିବା ବେଳେ କେନ୍ଦୁପଶି ତାଳବୁରି ନିକଟରେ ଦୁଇ ଦୁର୍ବୃତ୍ତ ବନ୍ଧୁକ ଦେଖାଇ ତାଙ୍କୁ ଅଟକାଇବା ସହ ଟଙ୍କା ବ୍ୟାଗ ମାଗିଥିଲେ। ଜିତେନ୍ଦ୍ର ନ ଦେବାରୁ ତାଙ୍କ ଜଣେ ଦୁର୍ବୃତ୍ତ କଟୁରିରେ ତାଙ୍କ ଗୋଡ଼କୁ ହାଣି ଟଙ୍କା, ଲାପଟପ ଓ ମୋବାଇଲ ଥିବା ବ୍ୟାଗ ଛଡାଇ ନେଇ ପଳାଇ ଯାଇଥିଲେ। କିଛି ଦୂରରେ ଲାପଟପ ଓ ମୋବାଇଲକୁ ଫିଙ୍ଗିଦେଇ ଦୁର୍ବୃତ୍ତମାନେ ଟଙ୍କା ନେଇ ଫେରାର ହୋଇଯାଇଥିଲେ। ପରିବାର ଲୋକେ ଜିତେନ୍ଦ୍ରଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଛେଣ୍ଡିପଦା ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଚିକିତ୍ସା ପରେ ଜିତେନ୍ଦ୍ର ଛେଣ୍ଡିପଦା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ତଦନ୍ତ ଆରମ୍ଭ କରିଛି।

● ଦୁର୍ଘଟଣାରେ ଆହତଙ୍କୁ ମାଗଣା ଚିକିତ୍ସା

## ମୃତ୍ୟୁ ହେଲେ କ'ଣ ମିଳିବ ପ୍ରଶ୍ନକଲେ ପୂର୍ବତନ ସାଂସଦ

ଢେଙ୍କାନାଳ, ୧୦।୧(ସମିସ): ଜାତୀୟ ରାଜପଥରେ ଦୁର୍ଘଟଣା ଘଟିଲେ ଆହତ ବ୍ୟକ୍ତିଙ୍କୁ ମାଗଣା ଚିକିତ୍ସା ପ୍ରଦାନ କରାଯିବ, ହେଲେ ତାହା ଦେଢ଼ଲକ୍ଷ ଟଙ୍କା ସୀମା ମଧ୍ୟରେ। କେନ୍ଦ୍ରମନ୍ତ୍ରୀ ନୀତୀନ୍ ଗଡ଼କରୀ ଏହା କହିଛନ୍ତି। ତେବେ ଦୁର୍ଘଟଣାରେ ମୃତ୍ୟୁ ଘଟିଲେ କ'ଣ ମିଳିବ ବୋଲି ସେ କିଛି ସ୍ପଷ୍ଟ କରି ନ ଥିବା କହିଛନ୍ତି ପୂର୍ବତନ ସାଂସଦ ମହେଶ ସାହୁ। ତାଳଚେର-ବଅଁରପାଳ ରାସ୍ତା, ଗୋଡ଼ିବନ୍ଧ-କଣିହାଁ ରାସ୍ତା ସମ୍ପର୍କରେ ନ କହିବା ଭଲ। ରାସ୍ତା ସମସ୍ୟା ନେଇ ଜାନୁଆରୀ ୨୨ ପରେ ଆନ୍ଦୋଳନ ସୁନିଶ୍ଚିତ ବୋଲି ସାହୁ ପ୍ରକାଶ କରିଛନ୍ତି।

କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଜାତୀୟ ରାଜପଥରେ ଖାଲଖମା ଥିଲେ ଟୋଲ୍ ଟାକ୍ସ ଦେବ ନାହିଁ ବା ଆଦାୟ କରାଯିବ ନାହିଁ। ଡୁବୁରିଠାରୁ ପିଟିରି ରାସ୍ତା ସମ୍ପୂର୍ଣ୍ଣ ହୋଇନାହିଁ। ପାଲଲହଡ଼ାଠାରୁ ଖମାର ଦେଇ ପିଟିରି ରାସ୍ତା ଖାଲଖମା ଥିବାବେଳେ ଖମାର ଏବଂ ମୁଣ୍ଡେଇଲୋଠାରେ ଟୋଲ୍ ଟିକସ ଆଦାୟ କରାଯାଉଛି ତାହା ପୁଣି ଲୋକଙ୍କୁ ଶୋଷଣ କଲାଭଳି। ଏହାର ପୁନର୍ବିଚାର ନ ହେଲେ ଟୋଲ୍ ଗେଟ୍ ସାଧାରଣ ଜନତାଙ୍କ ଦ୍ୱାରା ଖୋଲି ଦିଆଯିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି। କେନ୍ଦ୍ର ସରକାର ଯଦି ତାଙ୍କ ଖର୍ଚ୍ଚର ମୂଲ୍ୟକୁ ଲୋକଙ୍କଠାରୁ ଆଦାୟ କରିବେ ତେବେ ଅଞ୍ଚଳବାସୀଙ୍କୁ ରାସ୍ତାର ଅବସ୍ଥା ନେଇ ଯେଉଁ ହଇରାଣ ହୋଇଛନ୍ତି ଏବଂ ଆବଶ୍ୟକ ସ୍ଥଳେ ମୃତ୍ୟୁବରଣ କରିଛନ୍ତି, ତା'ର ମୂଲ୍ୟ କିଏ ଭରଣା କରିବ ବୋଲି ପୂର୍ବତନ ସାଂସଦ ସାହୁ ପ୍ରଶ୍ନ କରିଛନ୍ତି।

## ଭୁବନରେ ୧୦ଟିକିଆ ହାତୀପଲଙ୍କ ଉପଦ୍ରବ



ଭୁବନ, ୧୦।୧(ସମିସ): ଢେଙ୍କାନାଳ ବନଖଣ୍ଡ ଭୁବନ ଅଞ୍ଚଳରେ ୧୦ ଟିକିଆ ହାତୀପଲଙ୍କ ଉତ୍ପାତ ଯୋଗୁଁ ଏକର ଏକର ପନିପରିବା ଓ ଅନ୍ୟ ଫସଲ ନଷ୍ଟ ହୋଇଥିବା ଅଭିଯୋଗ ହୋଇଛି। ଗୁରୁବାର ବିଳମ୍ବିତ ରାତିରୁ ହାତୀପଲ ସୁରପ୍ରତାପପୁର ପାଟପୁର ମୌଜାରେ ପଶି ଏକର ଏକର ପନିପରିବା ଫସଲ ନଷ୍ଟ କରିଛନ୍ତି। ୨୦ରୁ ଊର୍ଦ୍ଧ୍ୱ ଚାଷୀଙ୍କ ପ୍ରାୟ ୩୦ ଏକର ଜମିରେ ଫସଲ କ୍ଷତି ହୋଇଛି। ହାତୀମାନେ ବିରି, ମୁଗ, କୋଳଥ, ଆଖୁ, ଲଙ୍କା, ବାଇଗଣ, ଭେଣ୍ଡି, କଖାରୁ, କାକୁଡ଼ି ଆଦି ଫସଲ ଖାଇଦେବା ସହ ଦଳିଚକଟି ନଷ୍ଟ କରିଦେଇଛନ୍ତି। ଅପରପକ୍ଷେ ବନ ବିଭାଗ କର୍ମଚାରୀ କ୍ଷତିଗ୍ରସ୍ତ ଚାଷଜମି ପରିଦର୍ଶନ କରି କ୍ଷୟକ୍ଷତି ଆକଳନ କରିଛନ୍ତି। କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି କହିଛନ୍ତି। ତୁରନ୍ତ ହାତୀଙ୍କୁ ଅନ୍ୟତ୍ର ତଡ଼ିବା ସହ କ୍ଷତିପୂରଣ ପ୍ରଦାନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ମହୁମାଛି ଆକ୍ରମଣରେ ୨ ଗୁରୁତର

ଭୁବନ, ୧୦।୧(ସମିସ): ଭୁବନ ବ୍ଲକ ମହୁଲପାଳ ନୂଆହାଟ ଛକ ନିକଟରେ ମହୁମାଛି ଆକ୍ରମଣରେ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଆହତ ବ୍ୟକ୍ତି ଦ୍ୱୟ ହେଲେ ମହୁଲପାଳ ଗ୍ରାମର ଅକ୍ଷୟ ରାଉତ (୫୦) ଏବଂ ହାତୀବାରୀର ଲିପିକା ଲିପିକାନ୍ତ ପାତ୍ର (୨୮)। ତେବେ ଉଭୟ ଏବେ ବିପଦମୁକ୍ତ ଥିବା ମେଡିକାଲ ପକ୍ଷରୁ ସୂଚନା ଦିଆଯାଇଛି।




ଆଇଆଇଏମ୍‌ସିରେ ସ୍ୱାସ୍ଥ୍ୟ ଯୋଗାଯୋଗ ଉପରେ ବିଦେଶୀ ଡାକ୍ତରଙ୍କ ବକ୍ତବ୍ୟ

# ସ୍ୱାସ୍ଥ୍ୟ କ୍ଷେତ୍ରରେ ଜାଲ୍ ଖବର ସବୁଠୁ ଅଧିକ ମାରାତ୍ମକ

ଢେଙ୍କାନାଳ, ୧୦।୧(ସମିସ):

ସ୍ଥାନୀୟ ଭାରତୀୟ ଜନସଞ୍ଚାର ସଂସ୍ଥାନ ପରିସରରେ 'ସ୍ୱାସ୍ଥ୍ୟ ଯୋଗାଯୋଗ' ଉପରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ସ୍ୱିଜରଲ୍ୟାଣ୍ଡରୁ ଆସିଥିବା ଶିଶୁଶଲ୍ୟ ଚିକିତ୍ସକ ଡା. କର୍ଣ୍ଣାଡ୍ ଇ. ମ୍ୟୁଲର ଯୋଗଦେଇ କହିଲେ ଯେ ସ୍ୱାସ୍ଥ୍ୟ ସମ୍ପର୍କିତ ଖବର ପରିବେଷଣ ବେଳେ ସାମ୍ବାଦିକମାନେ ବେଶ୍ ସଚେତନ ରହି ସଠିକ୍ ଖବର ଉପସ୍ଥାପନ କରିବା ଉଚିତ। ସାମ୍ବାଦିକମାନେ ଲେଖୁଥିବା କୌଣସି ବାକ୍ୟ ବା ଶବ୍ଦ ଯେପରି ରୋଗୀଙ୍କୁ ଭ୍ରମରେ ନ ପକାଏ, ସେଥିପ୍ରତି ଧ୍ୟାନ ଦେବା ଦରକାର। ସାମ୍ବାଦିକମାନେ ରୋଗୀଙ୍କ ଅଧିକାର ପାଇଁ ଲଢ଼ିଥା'ନ୍ତି। ଏଣୁ ଯେତେବେଳେ ସେମାନେ ସ୍ୱାସ୍ଥ୍ୟ ସମ୍ପର୍କିତ ରିପୋର୍ଟିଂ କରୁଛନ୍ତି ବା କୌଣସି ନିବନ୍ଧ ଲେଖୁଛନ୍ତି, ସେତେବେଳେ ବିଶେଷ ଧ୍ୟାନ ଦେବା ଆବଶ୍ୟକ। ଲେଖାରେ କୌଣସି ପ୍ରକାର ଅସ୍ପଷ୍ଟ କଥା ନ ଲେଖି ସ୍ପଷ୍ଟ ଭାବେ ଲେଖିବା ଜରୁରୀ। ତା'ହେଲେ ରୋଗୀ ବା ସେମାନଙ୍କ ସମ୍ପର୍କୀୟମାନେ କୌଣସି ଭ୍ରମରେ ପଡ଼ିବେନି। ଏଥିପାଇଁ ସାମ୍ବାଦିକତା ଛାତ୍ରଛାତ୍ରୀ ଏବଂ କାର୍ଯ୍ୟରତ ସାମ୍ବାଦିକମାନେ ମଧ୍ୟ ସ୍ୱାସ୍ଥ୍ୟ ଓ ବିଭିନ୍ନ ରୋଗ ସମ୍ପର୍କରେ ସର୍ବନିମ୍ନ ଜ୍ଞାନ ରଖିଲେ ଭଲ।



ସାଧାରଣ ଲୋକ ବୁଝିଲା ଭଳି ଶବ୍ଦ ପ୍ରୟୋଗ କରିବା ମଧ୍ୟ ଲୋଡ଼ା। ଦୁର୍ଭାଗ୍ୟର କଥା, ବେଳେବେଳେ ସ୍ୱାସ୍ଥ୍ୟ ସମ୍ପର୍କିତ ଜାଲ୍ ଖବର ପରିବେଷଣ କରାଯାଉଛି। ଏହା ସବୁଠୁ ଅଧିକ ମାରାତ୍ମକ ଓ ସେଗୁଡ଼ିକର କୁପ୍ରଭାବ ସମାଜ ଉପରେ ପଡୁଛି। ଯଦି ସ୍ୱାସ୍ଥ୍ୟ ସମ୍ପର୍କିତ କିଛି ଜାଲ୍ ଖବର ଆସୁଛି, ତେବେ ତୁରନ୍ତ ଗଣମାଧ୍ୟମ ତାହାର ବିରୋଧ କରିବା ଦରକାର ଏବଂ ଜାଲ୍ ଖବରକୁ ପ୍ରତିହତ କରିବା ପାଇଁ ବାସ୍ତବ ଖବର ପରିବେଷଣ କରିବା ଉଚିତ। ତା'ହେଲେ ଲୋକଙ୍କ ହିତ ସାଧନ ହୋଇପାରିବ ବୋଲି ସେ ମତବ୍ୟକ୍ତ କରିଛନ୍ତି। ସ୍ୱିଜରଲ୍ୟାଣ୍ଡର ଏକ ସଂସ୍ଥାର ସହଯୋଗରେ ଡ. କର୍ଣ୍ଣାଡ୍ ବର୍ତ୍ତମାନ ଗୋଦରିପଲ୍ଲୀ ଗ୍ରାମରେ ଏକ ଶିଶୁ ଚିକିତ୍ସା କେନ୍ଦ୍ର ଖୋଲି ସେଠାରେ ଶିଶୁ ଓ ସେମାନଙ୍କ ପରିବାର ଲୋକଙ୍କୁ ଚିକିତ୍ସା ସେବା ଯୋଗାଇ ଆସୁଛନ୍ତି। ୨୦୨୧ ଅଗଷ୍ଟରୁ ସେ ଏହି ଚିକିତ୍ସା କେନ୍ଦ୍ର ଖୋଲିଥିବାବେଳେ ଏବେ ସୁଦ୍ଧା ସେ ଓ ତାଙ୍କର ସ୍ଥାନୀୟ ଟିମ୍ ୧୧ ହଜାରରୁ ଅଧିକ ରୋଗୀଙ୍କୁ ଚିକିତ୍ସା ପ୍ରଦାନ କରିସାରିଛନ୍ତି। ଏହି ଅବସରରେ ସଂସ୍ଥାନର ଆଞ୍ଚଳିକ ନିର୍ଦ୍ଦେଶକ ଡ. ଆନନ୍ଦ ପ୍ରଧାନ ଡା. କର୍ଣ୍ଣାଡ୍‌ଙ୍କୁ ସ୍ୱାଗତ କରିଥିଲେ। ସଂସ୍ଥାନର ସହକାରୀ ପ୍ରଫେସର ଡ. ବିରଞ୍ଚି ନାରାୟଣ ସେଠ ଡା. କର୍ଣ୍ଣାଡ୍‌ଙ୍କ ପରିଚୟ ପ୍ରଦାନ କରିବା ସହ ତାଙ୍କ ଉଲ୍ଲେଖନୀୟ କାର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷରେ ଛାତ୍ରଛାତ୍ରୀମାନେ ସ୍ୱାସ୍ଥ୍ୟ ଯୋଗାଯୋଗ ଓ ରିପୋର୍ଟିଂ ସମ୍ପର୍କିତ କିଛି ପ୍ରଶ୍ନ ପଚାରିଥିଲେ ଓ ଡା. କର୍ଣ୍ଣାଡ୍ ସେଗୁଡ଼ିକର ଉତ୍ତର ଅତି ସ୍ପଷ୍ଟ ଓ ସରଳ ଭାବେ ବୁଝାଇଥିଲେ।

## ସନ୍ଧ୍ୟାରେ ଚାଲିଛି ଓଭରହେଡ୍ ପାଣିଟାଙ୍କି ଢଳେଇ



ଭୁବନ, ୧୦।୧(ସମିସ): ଭୁବନରେ ଶ୍ରମିକମାନଙ୍କ ସୁରକ୍ଷାକୁ ଦୃଷ୍ଟି ନ ଦେଇ ଅନ୍ଧାରରେ ଓଭରହେଡ୍ ପାଣିଟାଙ୍କି ଛାତ ଢଳେଇ ପକାଯାଉଛି। ଶ୍ରମିକଙ୍କ କୌଣସି ସୁରକ୍ଷା ବ୍ୟବସ୍ଥା ନ ଥାଇ ବିପଦସଙ୍କୁଳ ଅବସ୍ଥାରେ ସନ୍ଧ୍ୟା ସମୟରେ ଓଭରହେଡ ପାଣିଟାଙ୍କି ଉପରେ ଚାଲିଛି ଢଳେଇ କାର୍ଯ୍ୟ। ଶ୍ରମିକମାନେ ବହୁ ଉଚ୍ଚରେ କାମ କରୁଥିବା ବେଳେ ସେମାନଙ୍କ ସୁରକ୍ଷା ପ୍ରତି ଠିକାଦାର ଧ୍ୟାନ ଦେଉନାହାଁନ୍ତି। ଭୁବନ ଜନସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାଳୟ ପରସରରେ ଏହି ପାଣିଟାଙ୍କି ନିର୍ମାଣ ଚାଲିଥିବା ବେଳେ ଏହାର ତଦାରଖ କରିବା ପାଇଁ ବିଭାଗୀୟ ଯନ୍ତ୍ରୀ ଅନୁପସ୍ଥିତ ଥିଲେ। ଅପରପକ୍ଷେ ଏଠାରେ ଖୁଲମଖୁଲା ଶ୍ରମିକ ଆଇନ ଉଲ୍ଲଙ୍ଘନ କରାଯାଇଥିବା ବେଳେ କାହା ନିର୍ଦ୍ଦେଶରେ ରାତି ଅନ୍ଧାରରେ ଶ୍ରମିକମାନଙ୍କୁ ଠିକାଦାର କାମରେ ନିୟୋଜିତ କରିଛନ୍ତି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଯଦି କିଛି ଅଘଟଣ ଘଟେ ତେବେ କିଏ ଦାୟୀ ରହିବେ, ତାହା ମଧ୍ୟ ବିରାଟ ପ୍ରଶ୍ନବାଚୀ। ଏହି ଘଟଣାରେ ଜିଲ୍ଲା ପ୍ରଶାସନ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।

## ଜିଲ୍ଲାସ୍ତରୀୟ ଧାନ ମଣ୍ଡି ଉଦ୍‌ଘାଟିତ

# ୫୦ କ୍ୱିଣ୍ଟାଲରୁ ଅଧିକ ଧାନ ନ କିଣିବାକୁ ନିର୍ଦ୍ଦେଶ

କେନ୍ଦ୍ରାପଡ଼ା, ୧୦।୧(ସମିସ):

ଚଳିତ ଖରିଫ ବର୍ଷ ପାଇଁ ଆଜି ଧାନ ମଣ୍ଡି ଖୋଲିଛି। ଏଣିକି ଚାଷୀମାନେ ନିଜ ଧାନ ବିକ୍ରି କରି ପାରିବେ। ଶୁକ୍ରବାର କେନ୍ଦ୍ରାପଡ଼ା ଜମଧର ସ୍ଥିତ ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟରେ ବିଧିବଦ୍ଧ ଭାବେ ଜିଲ୍ଲା ପ୍ରଶାସନ ପକ୍ଷରୁ ଧାନ କିଣା ଆରମ୍ଭ ହୋଇଛି। ମାର୍ଚ୍ଚ ୩୧ ତାରିଖ ଯାଏ ଚାଷୀମାନେ ଧାର୍ଯ୍ୟ କେନ୍ଦ୍ରରେ ଧାନ ବିକ୍ରି କରି ପାରିବେ। ଏଥିପାଇଁ ଜିଲ୍ଲାରେ ମୋଟ ୧୨୩ ଗୋଟି କେନ୍ଦ୍ର କରାଯାଇଛି।

ଜମଧର ସ୍ଥିତ ଆରଏମସି କାର୍ଯ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ଧାନମଣ୍ଡିକୁ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ଓ ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନ ଫିତାକାଟି ଉଦ୍‌ଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସାଂସଦଙ୍କ ପ୍ରତିନିଧି ତଥା ଜିଲ୍ଲା ବିଜେପି ସଭାପତି କିଶୋର ପଣ୍ଡା, ଜିଲ୍ଲା ପରିଷଦ ସଭାପତି ସୁଶ୍ରୀ ଲିଳିତା ଦାସ, ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀନିବାଶ ସାହୁ, ଜିଲ୍ଲା କୃଷି



ଅଧିକାରୀ କଲ୍ୟାଣ ରାୟ, ବରିଷ୍ଠ ଏଆରସିଏସ ସନ୍ତୋଷ କୁମାର ଦାସ, ଜିଲ୍ଲା ପରିଷଦ ସଭ୍ୟା ନିର୍ମଳା ମହାନ୍ତି, ଆରଏମସି ସମ୍ପାଦକ ସଚିଦାନନ୍ଦ ଜେନା, ଜିଲ୍ଲା ଯୋଗାଣ ବିଭାଗ ଓ ଆରଏମସିର ବିଭାଗୀୟ ଅଧିକାରୀ ଓ କର୍ମକର୍ତ୍ତା ପ୍ରମୁଖ ଯୋଗଦେଇଥିଲେ। ଚଳିତ ବର୍ଷ ଜିଲ୍ଲାରେ ମୋଟ ୧୨୩ ଗୋଟି କୃଷି ପ୍ରାଥମିକ ସମବାୟ ସମିତି ମାଧ୍ୟମରେ ଧାନ କ୍ରୟ କରାଯିବ। ଏଥର ଜିଲ୍ଲାରେ ୪୪ ହଜାର ୧୬ ଜଣ ଚାଷୀ ଧାନ ବିକ୍ରି ପାଇଁ ନାମ ପଞ୍ଜୀକରଣ କରିଥିବା ବେଳେ

### ● ହତାଶ ହେବେ ଚାଷୀ

ପ୍ରଥମ ପର୍ଯ୍ୟାୟରେ ୫୮ ହଜାର ୯ ମେଟ୍ରିକ ଟନ ଧାନ କ୍ରୟ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଅନ୍‌ଲାଇନ ଟୋକନ ପାଇଥିବା ଚାଷୀ ପ୍ରଥମ ପର୍ଯ୍ୟାୟରେ ନିଜ ଧାନ ବିକ୍ରି କରିପାରିବେ। ଧାର୍ଯ୍ୟ ବାରରେ ସକାଳ ୮ଟାରୁ ଦିନ୨ଟା ମଧ୍ୟରେ ଚାଷୀଧାନ ବିକ୍ରି କରି ପାରିବେ ବୋଲି ସୂଚନା ଦିଆଯାଇଛି। ଧାନ ବିକ୍ରି ସମୟରେ ଚାଷୀମାନେ କୌଣସି ପ୍ରକାର ସମସ୍ୟାର ସମ୍ମୁଖୀନ ହେଲେ ତୁରନ୍ତ ଜିଲ୍ଲା ସ୍ତରୀୟ କଣ୍ଟ୍ରୋଲ ରୁମରୁ ସହାୟତା ନେଇ ପାରିବେ ବୋଲି କୁହାଯାଇଛି। ତେବେ ସବୁଠାରୁ ବଡ଼ କଥା ହେଲା ଚାଷୀଙ୍କ ପାଇଁ ସରକାର କାନ୍ଦୁଥିବାର ବାହାନା ସ୍ପଷ୍ଟ ବାରି ହୋଇପଡ଼ିଛି।

ଲଘୁଚାପଜନିତ ଯାହା ନଷ୍ଟ ହୋଇଛି, ତାହା କେହି ଭରଣା କରିପାରିବେ ନାହିଁ। ତେବେ ଲକ୍ଷ ଲକ୍ଷ ଟଙ୍କା ଧାର କରଜ କରି ଯେଉଁ ଚାଷୀମାନେ ଧାନ ଚାଷ କରିଥିଲେ ସେମାନେ ୫୦ କ୍ୱିଣ୍ଟାଲରୁ ଅଧିକ ବିକ୍ରି କରିପାରିବେ ନାହିଁ ବୋଲି ସମସ୍ତ ମଣ୍ଡିକୁ ଜିଲ୍ଲା ପ୍ରଶାସନ ଏକ ନିର୍ଦ୍ଦେଶନାମା ଜାରି କରିଛି। ଏହି ନିର୍ଦ୍ଦେଶନାମା ପୂର୍ବରୁ ଚାଷୀଙ୍କୁ ଟାର୍ଗେଟ ଦିଆଯାଇଥିଲା। ଯେଉଁ ଚାଷୀମାନଙ୍କୁ ୫୦ କ୍ୱିଣ୍ଟାଲରୁ ଅଧିକ ଟାର୍ଗେଟ ମିଳିଥିଲା ସେମାନେ ବର୍ତ୍ତମାନ କଣ କରିବେ ସେନେଇ ଚିନ୍ତାରେ ପଡ଼ିଛନ୍ତି। ୫୦ କ୍ୱିଣ୍ଟାଲରୁ ଅଧିକ ଅମଳ କରିଥିବା ଚାଷୀ ୧୭ ଶହ ଟଙ୍କାରେ ଦଲାଲଙ୍କୁ ବିକ୍ରୀ କରିବା ଏକ ପ୍ରକାର ନିଶ୍ଚିତ ହୋଇଛି। ତେବେ ବର୍ତମାନ ଧାନ ଖର୍ଦ୍ଦି ନ କରିବାର ଯେଉଁ ଉପାୟ କରାଯାଇଛି ତାହା ଚାଷୀଙ୍କୁ ହତାଶ କରିଛି ବୋଲି ମତପ୍ରକାଶ ପାଇଛି।

## ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ତିର୍ତ୍ତୋଲ, ୧୦।୧(ସମିସ): ତିର୍ତ୍ତୋଲ ବ୍ଲକ ଅର୍ନ୍ତଗତ କୋଳର୍ ପଞ୍ଚାୟତସ୍ଥିତ ଶ୍ରୀ ମା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମ ସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଅଧକ୍ଷା ମେଘମାଳା ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶିବିରରେ କାର୍ଯକ୍ରମର ସଂଯୋଜିକା ଇତିହାସ ବିଭାଗର ଅଧାପିକା ଅମିତା ମହାପାତ୍ର କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅଧାପିକା ରାଜଶ୍ରୀ ସ୍ୱାଇଁ, ଅଧାପକ ରବୀନ୍ଦ୍ର କାନୁନ୍‌ଗୋ, ଅଧାପକ ମାଧବ ଚରଣ ବେହେରା ପ୍ରମୁଖ ଯୋଗଦେଇ ଛାତ୍ରୀ ମାନଙ୍କୁ ଆତ୍ମ ସୁରକ୍ଷା ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ। ମାଷ୍ଟର ଟ୍ରେନର ରଶ୍ମିତା ବିଶ୍ୱାଳ ୭୧ ଜଣ ଛାତ୍ରୀଙ୍କୁ ଆତ୍ମ ସୁରକ୍ଷା କୌଶଳ ସମ୍ବନ୍ଧୀୟ ତାଲିମ ପ୍ରଦାନ କରିଥିଲେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଗାୟତ୍ରୀ ଆଚାର୍ଯ୍ୟ, ଅନ୍ନପୂର୍ଣା ପରିଜା, ମନୋଜ କୁମାର ରାଉତ, ଅଭୟ କୁମାର ଆଚାର୍ଯ୍ୟ, ଶରତ କୁମାର ମହାପାତ୍ର, ରେଣୁବାଳା ବେହେରା ପରିଚାଳନାରେ ସହଯୋଗ କରିଥିଲେ। ଗାୟତ୍ରୀ ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ।

## ମଦ ଜବତ, ଜଣେ ଗିରଫ

ପାରାଦୀପ, ୧୦।୧(ସମିସ): ଆଜି ସନ୍ଧ୍ୟାରେ ନିହାରୁଣୀ ଯିବା ବାଟରେ ଥିବା କେନାଲ ବନ୍ଧ ନିକଟରୁ ଜଣେ ଚୋରା ମଦ ବେପାରୀକୁ କାବୁ କରିବା ସହିତ ତା ନିକଟରୁ ୧୯ ବୋତଲ ବିଦେଶୀ ମଦକୁ ଜବତ କରାଯାଇଛି। ସେ ବ୍ୟବସାୟୀ ଜଣକ ହେଲେ ନିମିଡି ଗ୍ରାମର ସୁଶାନ୍ତ ରାଉତ। ସେ କେନାଲ ବନ୍ଧ କଡ଼ରେ ଏକ ଚାଳିଆ ଘରେ ବସି ଚୋରା ମଦ ବିକ୍ରି କରୁଥିବା ବେଳେ ପୁଲିସ ପାଟ୍ରୋଲିଂ ଗାଡ଼ି ହାବୁଡ଼ରେ ପଡ଼ିଥିଲା। ଆସନ୍ତା କାଲି ତାକୁ କୋର୍ଟ ଚାଲାଣ କରାଯିବ ବୋଲି ଥାନା ସୂତ୍ରରୁ ଖବର ମିଳିଛି। ପାରାଦୀପ ଲକ୍‌ଥାନା ଅଞ୍ଚଳକୁ ମଦମୁକ୍ତ କରିବା ପାଇଁ ଥାନା ଅଧିକାରୀ ରଶ୍ମି ରଞ୍ଜନ ଦାସ ପ୍ରୟାସ ଜାରି ରଖିଥିବା ଜଣାପଡ଼ିଛି।

## ଦୁର୍ଘଟଣାରେ ଦୁଇ ବାଇକ୍ ଆରୋହୀ ଗୁରୁତର

ପାରାଦୀପ, ୧୦।୧(ସମିସ): ଆଜି ଅପରାହ୍ନରେ ପାରାଦୀପ ଉପକଣ୍ଠ ଭୁତମୁଣ୍ଡେଇ ନିକଟ ୧୫ ନମ୍ବର ନିକଟରେ ଦୁଇ ବାଇକ୍ ଆରୋହୀ ରାସ୍ତା କରିଡରେ ପିଟି ହୋଇ ଗୁରୁତର ହୋଇଛନ୍ତି। ଦେବଦୂତ ସଡ଼କ ସୁରକ୍ଷା ବାହିନୀର ସଭାପତି ପଙ୍କଜ ତରାଇ ପହଞ୍ଚି ସେମାନଙ୍କୁ ସ୍ଥାନୀୟ କୁଜଙ୍ଗ ହସ୍ପିଟାଲକୁ ନେଇ ଚିକିତ୍ସିତ କରାଇ କଟକ ସ୍ଥାନାନ୍ତରିତ କରିଥିବା ଜଣାପଡ଼ିଛି। ସେମାନେ ହେଲେ କୋଠି ଗ୍ରାମର ସୁକାନ୍ତ ଖଣ୍ଡୁଆଳ ଓ କୁଞ୍ଜକୋଠି କନାଗଳିର ପପୁନୀ ନାୟକ। ପୁଣି ସନ୍ଧ୍ୟାରେ ଦୋଛକିରେ ଦୁଇ ବାଇକ୍ ମୁହାଁମୁହିଁ ହେବା ଯୋଗୁଁ ଉଭୟ ଚାଳକ ଅଠରବାଙ୍କୀ ମେଡିକଲରେ ଚିକିତ୍ସିତ ହେଉଥିବା ଖବର ସାମ୍ନାକୁ ଆସିଛି। ପାରାଦୀପରେ ଥିବା ୫ଟି ଥାନା ପକ୍ଷରୁ ଚେକିଂକୁ କଡ଼ାକଡ଼ି କରିବାକୁ ସାଧାରଣରେ ଦାବି ହେଉଛି।

## ‘ସୁଶ୍ରୀଦେବୀ ଥିଲେ ନିଆରା ରାଜନେତା’

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି

ଆଳି, ୧୦।୧(ସମିସ): ଆଳିର ପୂର୍ବତନ ବିଧାୟିକା, ରାଜ୍ୟସଭା ସାଂସଦ ତଥା ଆଳିର ରାଜମାତା ଭାବେ ପରିଚିତ ସୁଶ୍ରୀଦେବୀ ଥିଲେ ରାଜନେତାଙ୍କଠାରୁ ନିଆରା ନେତ୍ରୀ ସେ ରାଜନେତ୍ରୀ ଭାବେ ଯେତିକି ପରିଚିତ ନଥିଲେ ସେ ରାଜମାତା ଭାବେ ବେଶ ସମସ୍ତଙ୍କ ପ୍ରିୟଭାଜନ ହୋଇପାରିଥିଲେ ବୋଲି ଶୁକ୍ରବାର ଦିନ ଆଳି ଗିରିବନ୍ଧ ଖେଳ ପଡ଼ିଆଠାରେ ଅନୁଷ୍ଠିତ ପ୍ରଥମ ଶ୍ରାଦ୍ଧବାର୍ଷିକରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ଆଳି ବିଧାୟକ ପ୍ରତାପ କେଶରୀ ଦେବଙ୍କ ସଂଯୋଜନା ଓ ଅବସରପ୍ରାପ୍ତ ଅଧ୍ୟାପକ ରମେଶ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର, ରାଜନଗର ବିଧାୟକ ଧ୍ରୁବ ସାହୁ, ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ରାଜନଗରର ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ଆଳିର ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା ପ୍ରମୁଖ ଯୋଗ ଦେଇଥିଲେ। ରାଜାମାତାଙ୍କ ବଡ଼ପୁଅ ଆଳି ରାଜା ବ୍ରଜକେଶରୀ ଦେବ ତାଙ୍କ ଜୀବନୀର ସ୍ମୃତିଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଦ୍ୟୁମ୍ନ ଦାଶ, ଶିକ୍ଷାବିତ୍ ଶରତ ରାୟ, ହରିଶ୍ଚନ୍ଦ୍ର ମହାପାତ୍ର, ଧୀରେନ୍ଦ୍ର ସାହୁ, ଆଇନଜୀବୀ ଭୀମସେନ ଭୂୟାଁ, ବ୍ରଜସୁନ୍ଦର ଭୂୟାଁଙ୍କ ସହ ସୁଶ୍ରୀଦେବୀଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିମାନେ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ସୁଶ୍ରୀଦେବୀ ମହିଳା ମହାବିଦ୍ୟାଳୟ ପରିସରରେ ନିର୍ମାଣ ହୋଇଥିବା ପ୍ରତିମୂର୍ତ୍ତିକୁ ଅନାବରଣ କରାଯିବା ସହ ତାଙ୍କ ସ୍ମୃତିରେ ପ୍ରକାଶ ପାଇଥିବା ସ୍ମୃତି ଶ୍ରଦ୍ଧାଞ୍ଜଳି ପୁସ୍ତିକା ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଜଗତାନନ୍ଦ ବଳ, ଭୀଷ୍ମ ମହାନ୍ତି, ମନୋରଞ୍ଜନ ସାମଲ, ସୁବ୍ରତ ଦାଶ ଓ ମନୋଜ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।

## ୨ ଟ୍ରଲର ଜବତ, ୧୫ ମତ୍ସ୍ୟଜୀବୀ ଗିରଫ



ରାଜନଗର, ୧୦।୧(ସମିସ): ଗହୀରମଥା ସାମୁଦ୍ରିକ ନିଷିଦ୍ଧ ଅଞ୍ଚଳରେ ବେଆଇନ ଭାବେ ମାଛ ମାରୁଥିବା ବେଳେ ବନ ବିଭାଗର ପାଟ୍ରୋଲିଂ ଟିମ୍ ଗୋଟିଏ ଟ୍ରଲର ଜବତ କରିବା ସହ ଏଥିରେ ଥିବା ୧୦ ଜଣ ମସ୍ୟଜୀବୀକୁ ଗିରଫ କରିଛି। ଗହୀରମଥା ରେଞ୍ଜ ଦାୟିତ୍ୱ ଥିବା ଏସିଏଫ ମାନସ କୁମାର ଦାସଙ୍କ ନିର୍ଦ୍ଦେଶ କ୍ରମେ ଫରେଷ୍ଟର ସୁରେଶ ଚନ୍ଦ୍ର ପୃଷ୍ଟିଙ୍କ ନେତୃତ୍ୱରେ ବନ ବିଭାଗର ପାଟ୍ରୋଲିଂ ଟିମ୍ ଏକକୁଳା ନିକଟରେ ନନ୍ଦିନୀ ନାମକ ଟ୍ରଲରକୁ ଜବତ କରିଥିଲେ। ଜବତ ଟ୍ରଲରରୁ ୧ କୁଇଣ୍ଟାଲ ୫୦ କେଜି ମାଛ, ୨ଟି ଜିପିଏସ, ୨ ଟିଭିଏଡ୍‌ଏଫ, ଓ ୯ଟି ଜାଲ, ୨ଟି ମୋବାଇଲ ଫୋନ ଜବତ କରାଯାଇଛି। ଟ୍ରଲରରେ ଥିବା ମତ୍ସ୍ୟଜୀବୀ ମାନେ ହେଲେ ଅଜୟ କୁମାର ବ୍ରହ୍ମା, ଶ୍ୟାମ ସୁନ୍ଦର ବେହେରା, ଶ୍ରୀଧର ମଳିକ, ନିରଞ୍ଜନ ମହନ୍ତ, କାଳନ୍ଦୀ ମଳିକ, ଅଞ୍ଜନ ମହନ୍ତ, ଦିବାକର ମହନ୍ତ, ସହଦେବ ମହନ୍ତ, ସଞ୍ଜୟ ମଳିକ ଓ କାର୍ତ୍ତିକ ସିଂ। ୧୦ ଜଣଙ୍କୁ ଗିରଫ କରାଯାଇ ବନ୍ୟ ପ୍ରାଣୀ ଆଇନ ୧୯୭୨ ରେ ମକଦ୍ଦମା ରୁଜୁ କରି କୋର୍ଟ ଚାଲାଣ କରାଯାଇଥିବା ନେଇ ବନବିଭାଗ ସୂଚନା ମିଳିଛି। ଗିରଫ ମତ୍ସ୍ୟଜୀବୀ ମାନେ ବାଲେଶ୍ୱର, ଭଦ୍ରକ ଓ ଢେଙ୍କାନାଳ ଅଞ୍ଚଳର ବୋଲି ଜଣାପଡ଼ିଛି। ସେହିପରି ବ୍ରାହ୍ମଣୀ ନଦୀର ମାଟିଆ ମଙ୍ଗଳା ନିକଟରେ ଗତକାଲି ରାତିରେ ଶ୍ରୀମା ନାମକ ଟ୍ରଲରରେ ବେଆଇନ ଭାବେ ମାଛ ଧରୁଥିବା ବେଳେ ରାଜନଗର ଓ କନିକା ରେଞ୍ଜର ବନ ବିଭାଗର କର୍ମଚାରୀମାନେ ମିଳିତ ଚଢ଼ଉ କରି ଟ୍ରଲର ଜବତ କରିବା ସହ ସେଥିରେ ଥିବା ଜିତେନ୍ଦ୍ର ଦଳାଇ, ତାପସ ରାଉତ, ସୁକାନ୍ତ ସ୍ୱାଇଁ, ନୃସିଂହ ଦଳାଇ, ବିଦ୍ୟାଧର ବେହେରା ପ୍ରମୁଖ ୫ ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ଉରେ ଏସିଏଫ ମାନସ ଦାସ, ଫରେଷ୍ଟର ବିଜୟ କୁମାର ପାତ୍ର, ଫରେଷ୍ଟ ଗାର୍ଡ ସୁନୀଲ ରଞ୍ଜନ ରାଉତରାୟ, ବିଶ୍ୱ ରଞ୍ଜନ ତରାଇ, ବବୁଲ ପରିଡ଼ା, ସୁବ୍ରତ ଖୁଣ୍ଟିଆ ପ୍ରମୁଖ ବନ କର୍ମଚାରୀ ସାମିଲ ଥିଲେ।

## ଗୋବିନ୍ଦପୁରରେ ଧାନମଣ୍ଡି ଖୋଲିଲା

ଗୋବିନ୍ଦପୁର, ୧୦।୧(ସମିସ): ଆଜି ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର କୃଷି ସେବା ସମବାୟ ସମିତିରେ ଆଜି ଧାନ ମଣ୍ଡି ଉଦଘାଟିତ ହୋଇଛି। ସମିତିର ସଭାପତି ଧନରଞ୍ଜନ ବୋଷ ମଣ୍ଡିକୁ ଉଦଘାଟନ କରିଥିଲେ। ଚାଷୀମାନେ ମଣ୍ଡିରେ ସରକାରୀ ଦରରେ ଓ ଶୃଙ୍ଖଳିତ ଭାବେ ଧାନ କ୍ରୟ କରିପାରିବେ ବୋଲି ସଭାପତି ଶ୍ରୀ ବୋଷ କହିଥିଲେ। ଉଦଘାଟନ କାର୍ଯ୍ୟକ୍ରମରେ ସମିତିର ସମ୍ପାଦକ ବିରଜା ପ୍ରସାଦ ଦାସ, ନୋଡାଲ ଅଫିସର ପଦ୍ମଲୋଚନ ସୋରେନ, ସମିତିର କର୍ମଚାରୀ, ଚାଷୀ ମାନେ ଉପସ୍ଥିତ ଥିଲେ।

## ମନ୍ଦିର ପ୍ରତିଷ୍ଠା ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ

ଡେରାବିଶ, ୧୦।୧(ସମିସ): ଡେରାବିଶ ବ୍ଲକ ଯଅଁରାବାରିମୂଳ ପଞ୍ଚାୟତ ଅନ୍ତର୍ଗତ ଅର୍ଡାମୂଳ ଗ୍ରାମର ଇଚ୍ଛାବିହାରୀ କ୍ଷେତ୍ର ସ୍ଥିତ ଶ୍ରୀ ରଘୁନାଥଜୀଉଙ୍କ ମନ୍ଦିରର ଷଷ୍ଠ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ଗତକାଲି ଅଙ୍କୁରୋପଣ ସହିତ ଆରମ୍ଭ ହୋଇଯାଇଛି। ରଘୁନାଥଜୀଉ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଅର୍ଡାମୂଳ, ଖାନନଗର ଓ ପାଣିଓଳା ଗ୍ରାମବାସୀଙ୍କ ସହଯୋଗରେ ଏହା ଆୟୋଜିତ ହୋଇଥିଲା। ଆଜି ପୂର୍ବାହ୍ନରେ ପବିତ୍ର ଲୁଣାନଦୀରୁ ଶୁଭ କଳସ ଯାତ୍ରାରେ ଶହଶହ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ପରେ ସୂର୍ଯ୍ୟପୂଜା, ଗୋପୂଜା ଓ ଯଜ୍ଞ ଉତ୍ସବ ଆରମ୍ଭ ହୋଇଥିଲା। ଆଜି ସନ୍ଧ୍ୟାରେ ସନ୍ଥ ଦିବାକର ଦାସ ମହାରାଜଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଯଜ୍ଞର ପୂର୍ଣ୍ଣାହୁତୀ ଆସନ୍ତା ରବିବାର ଅନୁଷ୍ଠିତ ହେବ ବୋଲି ପରିଷଦର କର୍ମକର୍ତ୍ତା ପ୍ରକାଶ କରିଛନ୍ତି। ଶନିବାର ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଶିଷ୍ଟ କଳାକାରମାନଙ୍କ ଦ୍ୱାରା ଭଜନ ପରିବେଷଣ କରାଯିବ ବୋଲି କହିଛନ୍ତି। ଏହି ଯଜ୍ଞରେ ଶ୍ରଦ୍ଧାଳୁମାନେ ଯୋଗଦେଇ ବିଭୁକୃପା ଲାଭ କରିବାକୁ କର୍ମକର୍ତ୍ତାମାନେ ନିବେଦନ କରିଛନ୍ତି।

## ସଂସାରଫଳ ସେବା ସମବାୟ ସମିତିରେ ଧାନମଣ୍ଡି ଉଦ୍‌ଘାଟିତ

ପଟ୍ଟାମୁଣ୍ଡାଇ ୧୦।୧(ସମିସ): ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରାପଡ଼ା



ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ସଂସାରଫଳ କୃଷି ସେବା ସମବାୟ ସମିତିରେ ଆଜି ଧାନ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। କେନ୍ଦ୍ର ସମବାୟ ବ୍ୟାଙ୍କର ଶାଖା ପରିଚାଳକ ପ୍ରଶାନ୍ତ କୁମାର ମହାପାତ୍ର ଧାନ ମଣ୍ଡିକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଭିଏଡବ୍ଲ୍ୟୁ କଳ୍ପନା ମଲ୍ଲିକ, ଭିଏଲଡବ୍ଲ୍ୟୁ ତପନ କୁମାର ପ୍ରଧାନ, ସଂସାରଫଳ ସମବାୟ ସମିତି ସମ୍ପାଦକ ସୁରେଶ ଚନ୍ଦ୍ର ପାତ୍ର, ସଭାପତି ମନ୍ମଥ କୁମାର ବାରିକ, ବରିଷ୍ଠ ଚାଷୀ ସୁରେନ୍ଦ୍ର ଦାଶ, ପ୍ରେମାନନ୍ଦ ପ୍ରଧାନ, ଅମର ଦାଶ, ପୂର୍ଣ୍ଣଚନ୍ଦ୍ର ନାୟକ, ସୁକାନ୍ତ ଘଡାଇ, ଅଶୋକ ଦାଶ, ବିପିନ ଗାହାଣଙ୍କ ସମେତ ସେବା ସମବାୟ ସମିତିର ସମସ୍ତ ନିର୍ଦ୍ଦେଶକ ମାନେ ଯୋଗଦେଇଥିଲେ। ମଣ୍ଡି ଉଦ୍‌ଘାଟନ ପରେ ସମିତି ସଭାପତି ମନ୍ମଥ କୁମାର ବାରିକଙ୍କ ପୌରୋହିତ୍ୟରେ ଏସ୍‌ଓ ଏଲପିସି ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ସମସ୍ତ ବିଭାଗୀୟ ଅଧିକାରୀ, ସମବାୟ ସମିତି କର୍ମକର୍ତ୍ତା, ନିର୍ଦ୍ଦେଶକ ଓ କୃଷକ ନେତା ମାନେ ଯୋଗ ଦେଇ ଚାଷୀ ମାନେ ମଣ୍ଡିରେ ସୁବିଧାରେ ଉଚିତ ମୂଲ୍ୟରେ ଧାନ ବିକ୍ରୟ କରିବା ଉପରେ ନିଜ ନିଜର ମତାମତ ଦେଇଥିଲେ। ଶେଷରେ ସମ୍ପାଦକ ସୁରେଶ ଚନ୍ଦ୍ର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ପଟ୍ଟାମୁଣ୍ଡାଇ ବ୍ଲକ ପିଇଓ ସଂଘର କର୍ମକର୍ତ୍ତା ନିର୍ବାଚନ

ପଟ୍ଟାମୁଣ୍ଡାଇ, ୧୦।୧ (ସମିସ): ପଟ୍ଟାମୁଣ୍ଡାଇ ବ୍ଲକର ୩୧ ପଞ୍ଚାୟତରେ କାର୍ଯ୍ୟରତ ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ)ଙ୍କ ଏକ ବୈଠକ ପ୍ରଭାତ ମଲ୍ଲିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇ ହୋଇଯାଇଛି। ଏଥିରେ ମାଧବ ଦଳାଇ, ସୁରଜ କୁମାର ମହାନ୍ତି, ଶଙ୍କର୍ଷଣ ମାଝୀ, ଦୁର୍ଗା ପ୍ରସାଦ ନାୟକ, ବାହାଦୁର ଟୁଡୁ, ଅଲେଖ ପ୍ରଧାନ, ଜ୍ୟୋତିରଞ୍ଜନ ସାମଲ, ପ୍ରଦୀପ କୁମାର ଜେନା, ସୁକୁଲ ମାଝୀ ଓ ଶାରଦା ପ୍ରସନ୍ନ ରାଉତ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ। ଏହି ବୈଠକରେ ଚଳିତ ବର୍ଷ ପାଇଁ ବ୍ଲକ ପିଇଓ ସଂଘ କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା। ସଭାପତି ଭାବେ ଅଶୋକ ଜେନା, ଉପସଭାପତି ଭାବେ ରାଜନନ୍ଦିନୀ ବିଶ୍ୱାଳ, ସମ୍ପାଦକ ଭାବେ ତପନ ପ୍ରଧାନ, ସହସମ୍ପାଦକ ଭାବେ ଶୁଭଶ୍ରୀ ନାୟକ ଓ କୋଷାଧକ୍ଷ ଭାବେ ଶ୍ରୀଚରଣ ବାରିକଙ୍କୁ ସର୍ବସମ୍ମତି କ୍ରମେ ନିର୍ବାଚିତ କରାଯାଇଥିଲା। ଶେଷରେ ଶ୍ରୀଚରଣ ବାରିକ ଧନ୍ୟବାଦ ଦେଇଥିଲେ।

## କୁଳମଣି ସାହୁଙ୍କ ପରଲୋକ

ମଣିଜଙ୍ଗା, ୧୦।୧ ( ସମିସ ): ତିର୍ତ୍ତୋଲ ବ୍ଲକର ପିମ୍ପୋଳମାଧବ ଗ୍ରାମପଞ୍ଚାୟତର ପିପ୍ପଳମାଧବ ଗ୍ରାମର କୁଳମଣି ସାହୁଙ୍କ ୮୭ ବର୍ଷ ବୟସରେ ପରଲୋକ ହୋଇଯାଇଛି। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ମାତ୍ରେ ଏ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପିପ୍ପଳ ମାଧବ ଗ୍ରାମପଞ୍ଚାୟତ ରେ ସରପଞ୍ଚ ଅଶୋକ କୁମାର ନାୟକ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ କୁର୍ପା ସିନ୍ଧୁ ସାହୁ, କରୁଣାକର ସାହୁ ଦୌତାରୀ ସାହୁ, ଅଞ୍ଜଳି ସାହୁ, ଲକ୍ଷ୍ମୀପ୍ରିୟା ସାହୁ, ଜୁଲିରାଣୀ ସାହୁ, ଭାଇ ଧୀରେନ୍ଦ୍ର ନାଥ ସାହୁ, ଯୋଗେନ୍ଦ୍ର ସାହୁ, ସାମ୍ବାଦିକ ରଘୁନାଥ ସାହୁ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ।

## ସଡ଼କ ସୁରକ୍ଷା ଦିବସ ପାଳିତ



ପଟ୍ଟାମୁଣ୍ଡାଇ, ୧୦।୧(ସମିସ): ପଟ୍ଟାମୁଣ୍ଡାଇ ସରକାରୀ ଶିଳ୍ପ ତାଲିମ କେନ୍ଦ୍ର ତରଫରୁ ସଡ଼କ ସୁରକ୍ଷା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠାନର ଛାତ୍ର ଛାତ୍ରୀମାନେ ପଟ୍ଟାମୁଣ୍ଡାଇ ସରକାରୀ ଶିଳ୍ପ ତାଲିମ ପ୍ରତିଷ୍ଠାନ ପରିସରରୁ ବାହାରି ଏକ ଶୋଭାଯାତ୍ରାରେ ସଡ଼କ ସୁରକ୍ଷା ସ୍ଲୋଗାନ ଦେଇ ପଟ୍ଟାମୁଣ୍ଡାଇ ବାଇପାସ୍, ପଟ୍ଟାମୁଣ୍ଡାଇ ଆମ୍ବେଦକର ଛକ ଦେଇ ପଟ୍ଟାମୁଣ୍ଡାଇ ବଜାର ପରିକ୍ରମା କରିଥିଲେ। ପ୍ରତ୍ୟେକ ବ୍ୟକ୍ତି ଗାଡି ଚଳାଇବା ସମୟରେ ହେଲମେଟ ବ୍ୟବହାର କରିବା ଓ ମୋବାଇଲ ଫୋନ ବ୍ୟବହାର ନ କରିବା ପାଇଁ ଛାତ୍ରଛାତ୍ରୀମାନେ ପରାମର୍ଶ ଦେଇଥିଲେ। ସଡ଼କ ସୁରକ୍ଷା ନିୟମ ମାନିଲେ ନିଜର ମୂଲ୍ୟବାନ ଜୀବନର ସୁରକ୍ଷା ହେବା ସହିତ ନିଜ ପରିବାର ସୁରକ୍ଷିତ ହୋଇ ପାରିବା ସହିତ ମାନବ ଜୀବନ ଅମୁଲ୍ୟ ସମ୍ପଦର ସୁରକ୍ଷା ହୋଇପାରିବ ବୋଲି ଛାତ୍ର, ଛାତ୍ରୀ ମାନେ ସଡ଼କ ସୁରକ୍ଷା ସ୍ଲୋଗାନ ମାଧ୍ୟମରେ ଜନସଚେତନତା ସୃଷ୍ଟି କରିଥିଲେ। ସରକାରୀ ଶିଳ୍ପ ତାଲିମ କେନ୍ଦ୍ରର ଅଧକ୍ଷ ଲକ୍ଷ୍ମୀକାନ୍ତି ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଶିଳ୍ପ କେନ୍ଦ୍ରର ସମସ୍ତ ଶିକ୍ଷକ ଓ କର୍ମଚାରୀଙ୍କ ସମେତ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାର ଆଇଆଇସି ସୁଶାନ୍ତ କୁମାର ସାହୁ, ରୋଡ ଟ୍ରାନ୍ସପୋର୍ଟ ଅଫିସର ଧୀରେନ କୁମାର ନାୟକ. ମୋଟର ଭେଇକିଲ ଇନ୍ସପେକ୍ଟର କାଜଲ ପ୍ରଧାନ, ରୋଡ ଟ୍ରାନ୍ସପୋର୍ଟ ସେକସନ ଅଫିସ ଭାରତ ମହାନ୍ତି, ଟ୍ରାଫିକ ଇନ୍ସପେକ୍ଟର ରାଜନାରାୟଣ ସ୍ୱାଇଁ ପ୍ରମୁଖ ଯୋଗଦେଇ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସରକାରୀ ଶିଳ୍ପ ତାଲିମ କେନ୍ଦ୍ରର ଶିକ୍ଷକ ବିଶ୍ୱଜିତ ରାୟ, ବିକାଶ ମଲ୍ଲିକ, ସୁଜିତ ଦାଶ, ସେକସନ ଅଫିସର ସୁଧାଂଶୁ ଶେଖର ମହାପାତ୍ର, ମାଧବ ବେହେରା, ଅନ୍ତର୍ଯ୍ୟାମୀ ଦିଗଲ, ବାଦଲ ହେମ୍ବ୍ରମ୍, ମିତାଲି ରଶ୍ମି ନାୟକ, ସୁବ୍ରତ କୁମାର ବେହେରା, ସୌମ୍ୟ ରଞ୍ଜନ ବେହେରା, ମନୋରଞ୍ଜନ ସାହୁ. ଓ ନାରାୟଣ ଚନ୍ଦ୍ର ବେହେରା ପ୍ରମୁଖ ଯୋଗ ଦେଇ ପରିଚାଳନାରେ ସହଯୋଗ କରିଥିଲେ।

### ପୁସ୍ତକମେଳାର ପଞ୍ଚମ ସନ୍ଧ୍ୟା

# ସାହିତ୍ୟ ନିରୁତା ମଣିଷର କଥା କହେ

କେନ୍ଦ୍ରାପଡ଼ା, ୧୦।୧(ସମିସ):

କେନ୍ଦ୍ରାପଡ଼ା ସହରସ୍ଥିତ ଟେଲିକମ୍ ଗ୍ରାଉଣ୍ଡ ପରିସରରେ ଦ୍ୱାବିଂଶ କେନ୍ଦ୍ରାପଡ଼ା ରାଜ୍ୟସ୍ତରୀୟ ପୁସ୍ତକମେଳାର ପଞ୍ଚମ ସନ୍ଧ୍ୟା ଅପରାହ୍ନରେ ନେତାଜୀ ମଡେଲ ସ୍କୁଲ ଆନୁକୂଲ୍ୟରେ ଚିତ୍ତାକର୍ଷକ ସାଂସ୍କୃତିକ ବିଚିତ୍ରା ଓ କୁଇଜ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ସୁବ୍ରତ କୁମାର ଜେନାଙ୍କ ସଂଯୋଜନାରେ ଏହି କୁଇଜ କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ସ୍କୁଲର ପିଲାମାନେ ଭାଗ ନେଇଥିଲେ। ଉତ୍ତର ଦେଇଥିବା ପ୍ରାୟ ୧୦୦ଜଣ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ରୂପେ ପୁସ୍ତକ ପ୍ରଦାନ କରାଯାଇଥିଲା। ଏଥି ସହିତ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମରେ ନାଟକ ଓ ଗୀତିନାଟ୍ୟ ପରିବେଷଣ କରାଯାଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମକୁ ଅଧ୍ୟକ୍ଷ ଅଜୟ କୁମାର ପୃଷ୍ଟି ଓ ଏମ୍‌ଡି ଜାହିଦ୍ ଖାନ୍‌ଙ୍କ ନେତୃତ୍ୱରେ ମନୋଜ କୁମାର ମଣ୍ଡଳ ଓ ଶିକ୍ଷୟିତ୍ରି ରଶ୍ମିରେଖା ମିଶ୍ର ପରିଚାଳନାରେ ସହଯୋଗ କରିଥିଲେ। ଆଜିର କାର୍ଯ୍ୟକ୍ରମରେ କେମ୍‌ର ସଦସ୍ୟ ଅଭିମନ୍ୟୁ ରାଉତ, ସ୍ୱପ୍ନାଂଶୁ ଦାସ, ପ୍ରତାପ ସ୍ୱାଇଁ, ଜ୍ୟୋତିରଞ୍ଜନ ନାୟକ, ଶେଷଦେବ ଦାସ, ଅମ୍ରିନ ଶାହାଦତ୍, ଗୀତା ସ୍ୱାଇଁ, ଶିବ ଚରଣ ସାମଲ, ଶାନ୍ତନୁ ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସନ୍ଧ୍ୟା ୬ଟାରେ କେନ୍ଦ୍ରାପଡ଼ାର ମୌସୁମୀ ସାହିତ୍ୟ ଓ ସଂସ୍କୃତ ପରିଷଦ ପକ୍ଷରୁ କବିତାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ପଣ୍ଡିତ ପ୍ରମୋଦ କୁମାର ତ୍ରିପାଠୀ ବେଦପାଠ କରିବା ପରେ ପ୍ରଦୀପ ପ୍ରଜ୍ୱଳନ କରାଯାଇ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା। କେମ୍‌ର ସଭାପତି ଇଂ ଅକ୍ଷୟ ପାଣି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ଡ. ଶ୍ରୀଧର ସାମଲ ସ୍ୱାଗତ ଭାଷଣ ଓ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ କବି ସୌଭାଗ୍ୟ ଦାସଙ୍କ କବିତା ପୁସ୍ତକ ‘ବ୍ରହ୍ମ ସ୍ମୃତି’ ଉନ୍ମୋଚିତ ହୋଇଥିଲା। ମୌସୁମୀର ସଭାପତି ପ୍ରଫେସର ନନ୍ଦକିଶୋର ପରିଡ଼ାଙ୍କ ସଭାପତିତ୍ୱରେ ଡ. ବାସୁଦେବ ଦାସ, କବୟିତ୍ରୀ ଅନ୍ନପୂର୍ଣ୍ଣା ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଯେ ସାରସ୍ୱତ ରଚନାରେ ସ୍ରଷ୍ଟାକୁ ସହିଷ୍ଣୁ ହେବାକୁ ପଡ଼ିବ ଏବଂ ସାହିତ୍ୟରେ ଦର୍ଶନ ପ୍ରତିଫଳିତ ହେବା ଆବଶ୍ୟକ ବୋଲି ବର୍ଣ୍ଣନା କରିଥିଲେ। କବି ଚାରୁଲତା ଭୂୟାଁ, କବି ସ୍ନିଗ୍ଧା ନାୟକ, କବି ନିକୁଞ୍ଜ ପୃଷ୍ଟି, ଖଗେଶ୍ୱର ମହାନ୍ତି, ଅପର୍ତ୍ତି ସେଠୀ, ଆଦିକନ୍ଦ ରାଉଳ, ରଘୁନାଥ ସାହୁ, ରତ୍ନାକର ମଲ୍ଲିକ, ରଞ୍ଜନ ବାଇ, ଅମର ରାଉତ, ସ୍ୱର୍ଣ୍ଣମୟୀ ଷଡଙ୍ଗୀ, ମଧୁସ୍ମିତା ସ୍ୱାଇଁ, ସହଦେବ ଜେନା, ବିଜୟ ସ୍ୱାଇଁ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। କବି



ବୃନ୍ଦାବନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏହାପରେ ଆମ ଗାଁ ସାହିତ୍ୟ ପରିଷଦ ପକ୍ଷରୁ ସାହିତ୍ୟ ସଭା, କବିତା ଆସର ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆମ ଗାଁ ସାହିତ୍ୟ ପରିଷଦର ସଭାପତି ନାଟ୍ୟକାର ସଞ୍ଜୟ କୁମାର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ବିଶିଷ୍ଟ ସମାଜସେବୀ ପ୍ରଭାସ ଚନ୍ଦ୍ର ଦାସ, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସ୍ତମ୍ଭକାର ଡ. ସର୍ବେଶ୍ୱର ସେଣ, ବିଶିଷ୍ଟ ଗବେଷକ ନିରଞ୍ଜନ ମେକାପ ପ୍ରମୁଖ ଯୋଗ ଦେଇଥିଲେ। କବି ଶୈଳଜା ଶଙ୍କର ସାମଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଥମେ ସହସମ୍ପାଦକ ଅଶୋକ କୁମାର ସାହୁ ପରିଚାଳନାରେ ନୁପୁର ଡ୍ୟାନ୍ସ ଏକାଡେମୀର ମୌସୁମୀ ସ୍ୱାଇଁ, ସାଇ ସମୀକ୍ଷା ଜେନା ଓଡିଶୀ ନୃତ୍ୟ ପରିବେଷଣ କରିଥିଲେ। ସମ୍ପାଦକ ସ୍ୱପ୍ନାଂଶୁ କୁମାର ଦାସ ସ୍ୱାଗତ ଭାଷଣ, କାର୍ଯ୍ୟକାରୀ ସଭାପତି ଟିଟିକାନ୍ତ ନାୟକ ପାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ‘ମୁଁ କାହିଁକି ଲେଖେ’ ଆଲୋଚନାରେ ଭାଗ ନେଇ ବକ୍ତାମାନେ କହିଥିଲେ ଯେ ଅଣନିଶ୍ୱାସ ଜୀବନରେ ଜୀବନର ସଞ୍ଜ୍ଞା ବୋଧହୁଏ ଲେଖିବାରେ ମିଳିଯାଏ। କ୍ଷଣିକ ମୁହୂର୍ତ୍ତ ହେଉ ପଛେ, ଜୀବନର ଅନ୍ତସ୍ୱର ହାତ ପାହାନ୍ତାରେ ଧରାପଡେ। ମେଜର ଭରତ ଚନ୍ଦ୍ର ଜେନାଙ୍କ କବିତା ସଙ୍କଳନ ‘ଶୋଇଛି ସହର’ ଉନ୍ମୋଚନ ହୋଇଥିଲା। କବି ଇଶ୍ୱର ଚନ୍ଦ୍ର ପୃଷ୍ଟି ଓ ସ୍ୱର୍ଣ୍ଣମୟୀ ଷଡଙ୍ଗୀଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ କବି କବିତା ମୁଦୁଲି, ଅଜୟ କୁମାର ପାତ୍ର, ରଞ୍ଜନ କୁମାର ବାଇ, ନାରାୟଣ ପତି, ଶ୍ରୀଧର ମହାନ୍ତି, ଭରତ ଚରଣ ସାହୁ, ଗୋଲାପ ରାଉତ, ପ୍ରଭାତୀ ଧଳ, ସହଦେବ ଜେନା, ଆଦିକନ୍ଦ ରାଉଳ, ଗିରିଜା ଶଙ୍କର ସାମଲ, ମନ୍ମଥ ନାଥ ବରାଳ, ଅମର ପ୍ରସାଦ ରାଉତ, କୈଳାସ ମଲ୍ଲିକ, ଶୁଭାଂଶୁ କୁମାର ଦାସ, ନିକୁଞ୍ଜ ବିହାରୀ ପୃଷ୍ଟି, ପ୍ରଭାସ ଚନ୍ଦ୍ର ଦାସ, ଗଗନ ବିହାରୀ ଜେନା, ରତ୍ନାକର ମଲ୍ଲିକ, ଡ. ଶ୍ରୀଧର ସାମଲ, ପ୍ରେମାନନ୍ଦ ଖଣ୍ଡୁଆଳ, ଯାମିନୀ ଦାସ ପ୍ରମୁଖ ପଚାଶ ଜଣ କବି, କବୟିତ୍ରୀ କବିତା ଆବୃତ୍ତି କରିଥିଲେ। ଏଥିରେ ବିଭିନ୍ନ ସାହିତ୍ୟ ଅନୁଷ୍ଠାନର କର୍ମକର୍ତ୍ତା ଓ ବହୁ ଯୁବକଯୁବତୀମାନେ ଯୋଗ ଦେଇଥିଲେ। ଶେଷରେ ଉପସଭାପତି ସନ୍ତୋଷ ପୋଥାଳ ଧନ୍ୟବାଦ ଅର୍ପଣ କରିଥିଲେ। ଆଜି ପୁସ୍ତକ ମେଳାରେ ପୁସ୍ତକ କିଣିବା ପାଇଁ ପୁସ୍ତକପ୍ରେମୀଙ୍କର ପ୍ରବଳ ଗହଳି ହୋଇଥିଲା। ଆଜିର ପୁସ୍ତକମେଳାରେ ପ୍ରତାପ ସ୍ୱାଇଁ, ବଂଶୀଧର ମହାନ୍ତି, ନୃସିଂହ ତ୍ରିପାଠୀ, ଶାନ୍ତନୁ ମଲ୍ଲିକ, ଧର୍ମଦର୍ଶୀ କର, ଜ୍ୟୋତି ରଞ୍ଜନ ନାୟକ, ଅଭିମନ୍ୟୁ ରାଉତ, ଶିବ ଚରଣ ସାମଲ, ଅମ୍ରିନ୍ ସାହାଦତ୍ ପ୍ରମୁଖ ପରିଚାଳନା କରିଥିଲେ।

